# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 10, DATE : 16.07.2024 - 31.07.2024 FORTNIGHTLY (ODIA), BHUBANESWAR. PAGES-08

## କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାରୁ
## "ମାର୍କ୍ସବାଦ-ଲେନିନ୍‌ବାଦ" ବର୍ତ୍ତମାନ ଯୁଗର ସବୁଠାରୁ ବିଜ୍ଞାନ ସମ୍ମତ ଓ ସର୍ବଶ୍ରେଷ୍ଠ ମତବାଦ

*(ଅଗଷ୍ଟ ମାସ ୫ତାରିଖ ହେଉଛି, ସର୍ବହରାର ମହାନ ନେତା, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ ଶିବଦାସ ଘୋଷଙ୍କର ୪୯ତମ ସ୍ମରଣ ଦିବସ। ଏହି ଉପଲକ୍ଷେ ତାଙ୍କ ଦ୍ୱାରା ରଚିତ 'ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କାହିଁକି ଭାରତବର୍ଷର ଏକମାତ୍ର ସଠିକ ସାମ୍ୟବାଦୀ ଦଳ' ପୁସ୍ତିକାର ଗୋଟିଏ ଅଂଶ ଏଠାରେ ସ୍ଥାନିତ କରାଯାଇଛି। ସଂପାଦକ - ସର୍ବହରା କ୍ରାନ୍ତି)*



"x x x ମାର୍କ୍ସବାଦ-ଲେନିନ୍‌ବାଦ ହେଉଛି ଏକମାତ୍ର ବିପ୍ଳବୀ ତତ୍ତ୍ୱ, ଯାହା ଆଜିର ଯୁଗରେ ସବୁଠାରୁ ବିଜ୍ଞାନ ଭିତ୍ତିକ ଓ ସର୍ବଶ୍ରେଷ୍ଠ ମତବାଦ ବା ଆଦର୍ଶ ଏବଂ ଯାହା ବର୍ତ୍ତମାନର ପୁଞ୍ଜିବାଦୀ ସମାଜର ପଶୁତ୍ୱରୁ ମଣିଷକୁ ମୁକ୍ତକରି ଗୋଟିଏ ନୂତନ ଶୋଷଣହୀନ- ଶ୍ରେଣୀହୀନ, ଉନ୍ନତତର ସମାଜ ବ୍ୟବସ୍ଥାର ଜନ୍ମ ଦେବାପାଇଁ ସକ୍ଷମ। ଏବଂ ଏହା ମଧ୍ୟ ଆମେ ଜାଣୁ ଯେ, ବିପ୍ଳବୀ ଭାବାଦର୍ଶ ଓ ମତବାଦ ଏବଂ ବିପ୍ଳବୀ ତତ୍ତ୍ୱ ସବୁ ସମୟରେ ହିଁ ଉନ୍ନତତର ସାଂସ୍କୃତିକ ଓ ନୈତିକମାନର ଜନ୍ମ ଦେଇଥାଏ। ଏହି ଉନ୍ନତତର ସାଂସ୍କୃତିକ ଓ ନୈତିକମାନ ଅନ୍ତତଃ କିଛିଟା ଅର୍ଜନ କରିନପାରିଲେ ଗୋଟିଏ ଦେଶର ଜନସାଧାରଣ କେବେହେଲେ ବି ବିପ୍ଳବ ସଂଗଠିତ କରିପାରିବେ ନାହିଁ। ତା'ହେଲେ ନିଜକୁ ମାର୍କ୍ସବାଦୀ-ଲେନିନ୍‌ବାଦୀ ବୋଲି ଜାହିର କରୁଥିବା ଏହି ସବୁ ପାର୍ଟିଗୁଡିକ ଯଦି ଯଥାର୍ଥରେ ମାର୍କ୍ସବାଦୀ-ଲେନିନ୍‌ବାଦୀ ହୋଇଥା'ନ୍ତି ତା'ହେଲେ ଏମାନଙ୍କ ପ୍ରଭାବ ବୃଦ୍ଧି ଫଳରେ ଅନ୍ତତଃ ପକ୍ଷରେ ଗଣତାନ୍ତ୍ରିକ ଆନ୍ଦୋଳନରେ ଅଂଶଗ୍ରହଣକାରୀ ଜନସାଧାରଣ ଏବଂ ଛାତ୍ର-ଯୁବ ସଂପ୍ରଦାୟ ମଧ୍ୟରେ ବୁର୍ଜୁଆ ସମାଜର ସମସ୍ତ ପ୍ରକାର ଅପସଂସ୍କୃତିର ପ୍ରଭାବ ଖର୍ବ ହେବାର ଲକ୍ଷଣ ଦେଖାଦିଅନ୍ତା ଏବଂ ସେମାନଙ୍କର ମଧ୍ୟରେ ଗୋଟିଏ ନୂତନ ଉନ୍ନତତର ନୈତିକ ଓ ସାଂସ୍କୃତିକମାନର ପ୍ରତିଫଳନ ଆମେ ଦେଖିବାକୁ ପାଇଥାନ୍ତେ। ମାତ୍ର ବାସ୍ତବରେ ଏହାର ବିପରୀତତା ହିଁ ଦେଖିବାକୁ ମିଳୁଛି। ଏହି ଘଟଣା କ'ଣ ପ୍ରମାଣ କରୁନାହିଁ ଯେ, ଏମାନେ ମାର୍କ୍ସବାଦ-ଲେନିନବାଦ ନାମରେ ଏ ଦେଶରେ ଯାହାର ଚର୍ଚ୍ଚା କରୁଛନ୍ତି ତାହା ପ୍ରକୃତରେ ମାର୍କ୍ସବାଦ ଲେନିନ୍‌ବାଦ ନୁହେଁ। ଯେକୌଣସି ଯୁଗରେ ଯେକୌଣସି ବିପ୍ଳବୀ ତତ୍ତ୍ୱ ଓ ମତାଦର୍ଶର ଅସଲ ମର୍ମବସ୍ତୁ ଓ ପ୍ରାଣସତ୍ତା ତାର ସାଂସ୍କୃତିକ ଓ ନୈତିକମାନ ମଧ୍ୟରେ ନିହିତ ଥାଏ। ସେହିଭଳି ଭାବରେ ବୁର୍ଜୁଆ ବିପ୍ଳବ ଓ ପୁଞ୍ଜିବାଦୀ ବିପ୍ଳବ ଯୁଗର ସର୍ବୋଚ୍ଚସ୍ତରର ମାନବତାବାଦୀ ସଂସ୍କୃତି, ମୂଲ୍ୟବୋଧ ଓ ନୈତିକତା ସଂପର୍କିତ ଧାରଣାଠାରୁ ମଧ୍ୟ ଉନ୍ନତତର ସର୍ବହରା ସଂସ୍କୃତି, ମୂଲ୍ୟବୋଧ ଓ ନୈତିକମାନ ଅର୍ଜନ କରିବା ମଧ୍ୟରେହିଁ ଯେ ମାର୍କ୍ସବାଦୀ-ଲେନିନ୍‌ବାଦୀ ଭାବାଦର୍ଶର ମୂଳ ମର୍ମବସ୍ତୁ ଓ ପ୍ରାଣସତ୍ତା ନିହିତ ରହିଛି, ଏହା ଠିକ୍‌ଭାବରେ ଉପଲବ୍ଧି ନ କରିପାରିବା ଫଳରେ ହିଁ ଉପରୋକ୍ତ ବିପତ୍ତିର ସୃଷ୍ଟି ହୋଇଛି। ଏମାନଙ୍କ କବଳରେ ପଡି ମାର୍କ୍ସବାଦ-ଲେନିନ୍‌ବାଦ ଅନେକଟା ପ୍ରାଣହୀନ ଶରୀର ଭଳି ହୋଇଛି। ପ୍ରାଣହୀନ ଶରୀର ଭଳି ହିଁ ଏ ସମସ୍ତ ତଥାକଥିତ ମାର୍କ୍ସବାଦୀ-ଲେନିନ୍‌ବାଦୀ ପାର୍ଟିଗୁଡିକର ସମାଜ ଜୀବନରେ ଉପସ୍ଥିତି ଓ ପ୍ରଭାବବୃଦ୍ଧି ସମାଜର ବିପ୍ଳବୀ ଆନ୍ଦୋଳନର କ୍ରମଶଃ କ୍ଷତିସାଧନ କରିଚାଲିଛି। ଫଳରେ ଏହିସବୁ ତଥାକଥିତ ମାର୍କ୍ସବାଦୀ-ଲେନିନବାଦୀ ଦଳଗୁଡିକର ନେତୃତ୍ୱରେ ଯେତେଦିନ ପର୍ଯ୍ୟନ୍ତ ଦେଶର ଗଣଆନ୍ଦୋଳନ ଏବଂ ବାମପନ୍ଥୀ ଆନ୍ଦୋଳନ ପରିଚାଳିତ ହେବ, ସେତେଦିନ ଦୈନନ୍ଦିନ ଅର୍ଥନୈତିକ ଓ ରାଜନୈତିକ ଦାବିଦୁବା ଭିତ୍ତିରେ ଯେତେ ବାମମୁଖୀ ଲଢେଇ ପରିଚାଳନା କରାଯାଉ ନା କାହିଁକି, କେବଳମାତ୍ର ତା' ଦ୍ୱାରା ସାଧାରଣ ଭାବରେ ଜନସାଧାରଣଙ୍କ ମଧ୍ୟରେ ଏବଂ ବିଶେଷକରି ଗଣତାନ୍ତ୍ରିକ ଆନ୍ଦୋଳନରେ ଅଂଶଗ୍ରହଣକାରୀ ଛାତ୍ର ଓ ଯୁବ ସଂପ୍ରଦାୟ ମଧ୍ୟରେ ସାଂସ୍କୃତିକମାନର କ୍ରମାଗତ ଅବନତିର ଏହି ଧାରାକୁ କୌଣସି ଭାବରେ ହିଁ ରୋକାଯାଇ ପାରିବ ନାହିଁ ଏବଂ ଦେଶର ଜନସାଧାରଣ ଯଦି ଏହିଭଳି ଭାବରେ ନିମ୍ନତମ ସଂସ୍କୃତିର, ଅର୍ଥାତ୍ ସାଂସ୍କୃତିକ କ୍ଷେତ୍ରରେ ବୁର୍ଜୁଆ ଓ ସାମନ୍ତୀ ସଂସ୍କୃତିର ପ୍ରଭାବରେ ପ୍ରଭାବିତ ହୋଇ ରହିଯାଆନ୍ତି, ତା'ହେଲେ ସେହି ଜନସାଧାରଣ ଯେକୌଣସି ସମୟରେ ଗଣତାନ୍ତ୍ରିକ ଆନ୍ଦୋଳନର ବିଫଳତା ଓ ଦେଶବ୍ୟାପୀ ହତାଶାର ସମ୍ମୁଖରେ ପ୍ରତିକ୍ରିୟାର ଶୀକାର ହୋଇଯାଇ ପାରନ୍ତି। ଯେଉଁଭଳି ଆମେ ଇଣ୍ଡୋନେସିଆର ଇତିହାସରେ ପ୍ରତ୍ୟେକ୍ଷ କରିଛୁ।

ଏହା ବ୍ୟତୀତ ମାର୍କ୍ସ, ଏଙ୍ଗେଲ୍ସ, ଲେନିନ୍, ଷ୍ଟାଲିନ୍, ମାଓ-ସେ-ତୁଙ୍ଗ ପ୍ରମୁଖ ସମସ୍ତ ନେତାମାନଙ୍କର ବକ୍ତବ୍ୟ ଅନୁଶୀଳନ ହିଁ କଲେ ଜଣାଯାଏ ଯେ, ଉନ୍ନତତର ସାଂସ୍କୃତିକ ମାନ, ଅର୍ଥାତ୍ ସର୍ବହରା ସାଂସ୍କୃତିକମାନ ଅର୍ଜନ କରି ନପାରିଲେ ସଠିକ୍ ଭାବରେ ମାର୍କ୍ସବାଦୀ-ଲେନିନବାଦୀ ତତ୍ତ୍ୱ ବିଚାରର କ୍ଷମତା ହିଁ ଅର୍ଜନ କରାଯାଇ ପାରିବ ନାହିଁ। ସୁତରାଂ ଏମାନେ ଯେତେବେଳେ କୁହନ୍ତି "ବିପ୍ଳବର ତତ୍ତ୍ୱଟା ଠିକ୍ ହୋଇଗଲେ ହିଁ ପାର୍ଟିଟା ଠିକ୍ ହୋଇଗଲା" ସେତେବେଳେ ଏମାନେ ଭୁଲି ଯାଆନ୍ତି ଯେ, ସାଂସ୍କୃତିକ ମାନ ନିମ୍ନସ୍ତରର ହେବା ଫଳରେ ଏମାନଙ୍କ କ୍ଷେତ୍ରରେ ବିପ୍ଳବୀ ତତ୍ତ୍ୱ ବିଚାର ମଧ୍ୟ ସଠିକ୍ ହେବା ସମ୍ଭବ ନୁହେଁ। ମୂଳ ବିପ୍ଳବୀ ରାଜନୈତିକ ତତ୍ତ୍ୱ, ଅର୍ଥାତ୍ ଭାରତବର୍ଷର ବିପ୍ଳବର ସ୍ତର ନିର୍ଦ୍ଧାରଣ ଏବଂ ଦୈନନ୍ଦିନ ବିପ୍ଳବୀ ଗଣଆନ୍ଦୋଳନ ଗୁଡିକର କଳାକୌଶଳ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ଏହିସବୁ ତଥାକଥିତ ମାର୍କ୍ସବାଦୀ-ଲେନିନ୍‌ବାଦୀ ପାର୍ଟିଗୁଡିକ ବାରବାର ଯେ ଭୁଲ କରି ଚାଲିଛନ୍ତି, ଏହା ତାର ଅନ୍ୟତମ ମୁଖ୍ୟ କାରଣ। x x x"

## ରାଜ୍ୟ ବିଜେପି ସରକାରର ଏକ ମାସ - ଏକ ପର୍ଯ୍ୟାଲୋଚନା

ରାଜ୍ୟ ବିଜେପି ସରକାରର ଏକମାସ ସଂପୂର୍ଣ୍ଣ ହେଲା। ଗତ ଜୁନ ୧୨ତାରିଖରେ ବହୁ ଜାକଜମକରେ ଏହି ସରକାର ଗଠନ ହେଲା। ଜୁନ ୧୩ ତାରିଖ ଦିନ ନୂତନ ମୁଖ୍ୟମନ୍ତ୍ରୀ ଓ ତାଙ୍କର ପୁରା କ୍ୟାବିନେଟ ପୁରୀ ଯାଇ ଜଗନ୍ନାଥ ଦର୍ଶନ କଲେ ଓ ରାଜ୍ୟବାସୀଙ୍କ ପାଇଁ ବହୁ ମନଲୋଭା ଘୋଷଣା ମଧ୍ୟ କଲେ। କୁହାଗଲା ରାଜ୍ୟରେ ଆଉ ବିଜେଡି ସରକାର ନାହିଁ, ବିଜେପି ସରକାର ହେଉଛି 'ଡବଲ ଇଞ୍ଜିନ' ସରକାର। ରାଜ୍ୟର ବିକାଶ ଡବଲ ଗତିରେ ଚାଲିବ। ଶାସକ ଦଳଦ୍ୱାରା ସଂପୂର୍ଣ୍ଣ ଭାବେ ନିୟନ୍ତ୍ରିତ ଗଣମାଧ୍ୟମଗୁଡିକ ଏହି କଥାକୁ ଦିନରାତି ପ୍ରଚାର କଲେ। ସୂଚନାଯୋଗ୍ୟ ଗତ ୨୪ବର୍ଷ ମଧ୍ୟରେ ପ୍ରଥମ ୯ ବର୍ଷ, ବିଜେଡି-ବିଜେପି ମେଣ୍ଟ ସରକାର ଥିଲା ଓ ପରେ ପ୍ରକାଶ୍ୟ ମେଣ୍ଟ ଭାଙ୍ଗିଥିଲେ ମଧ୍ୟ କେନ୍ଦ୍ରରେ ବିଜେପି ଓ ରାଜ୍ୟ ବିଜେଡି ମଧ୍ୟରେ ଏକ ଗୋପନ ବୁଝାମଣା ଓ ସଲାସୁତୁରା ମଧ୍ୟରେ ସରକାର ଚାଲୁଥିଲା। କେନ୍ଦ୍ର ବିଜେପି ସରକାରଙ୍କ ସମସ୍ତ ଜନବିରୋଧି ନୀତିକୁ ଲୋକସଭା ଓ ରାଜ୍ୟ ସଭାରେ ବିଜେଡି ସମର୍ଥନ କରିଛି ଓ ସେଗୁଡିକୁ ରାଜ୍ୟରେ ତତ୍ପରତାର ସହ କାର୍ଯ୍ୟକାରୀ କରିଛି। ସ୍ୱୟଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ସେଦିନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଏସବୁ କଥା ଖବର କାଗଜ ପୃଷ୍ଠାରୁ ହେଉ ବା ଟେଲିଭିଜନର ପରଦାରେ ହେଉ କୁଆଡେ ଉଭେଇଗଲା। ତେବେ ସେ ଯାହା ହେଉ ବର୍ତ୍ତମାନ ଦେଖାଯାଉ, ଏହି ୧ ମାସ ମଧ୍ୟରେ ଜନସାଧାରଣଙ୍କ ଉନ୍ନତି ନିମନ୍ତେ ରାଜ୍ୟ ବିଜେପି ସରକାର କି କି ପଦକ୍ଷେପ ସବୁ ନେଇଛନ୍ତି।

ରାଜ୍ୟ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହେଲା, ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଏହି ସରକାର ଆସିଛି। ଏଥିପାଇଁ ଜଗନ୍ନାଥ ଧାମରେ ସମସ୍ତ ବିଶୃଙ୍ଖଳା, ବିଭ୍ରାଟ ଦୂର ହେବ, ଚାରି ଦ୍ୱାର ଖୋଲା ହେବ ଏବଂ ଜଗନ୍ନାଥଙ୍କ ପାଇଁ ସଙ୍ଗେ ସଙ୍ଗେ ୫୦୦ କୋଟି ଟଙ୍କାର କର୍ପସ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଟେଲିକମ୍ ଆଇନ-୨୦୨୩ ବାକ୍ ସ୍ୱାଧୀନତା ଓ ନିଜତାର ଅଧିକାରକୁ ଧ୍ୱଂସ କରିବ

ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ବିଜେପି ସରକାର ଦ୍ୱିତୀୟ ପାଳିରେ ସଂସଦର ଶେଷ ଅଧିବେଶନରେ ସଂସଦର ଉଭୟ ଗୃହରୁ ୧୫୦ରୁ ଅଧିକ ବିରୋଧି ଦଳର ସାଂସଦଙ୍କୁ ନିଲମ୍ବିତ କରି କେତୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଗୁଡିକ ହେଉଛି ୩ଟି ନୂତନ ଅପରାଧିକ ଆଇନ(Criminal Laws), ପୋଷ୍ଟ ଅଫିସ ଆଇନ-୨୦୨୩ ଓ ଟେଲିକମ୍ ଆଇନ ବା ଦୂରସଂଚାର ଆଇନ-୨୦୨୩। ଏଠାରେ ଆମେ ଦୂର ସଂଚାର ଆଇନ-୨୦୨୩ ଉପରେ ଆମର ଆଲୋଚନାକୁ ସୀମିତ ରଖିବୁ।

ନିର୍ବାଚନ ପୂର୍ବରୁ ସଂସଦରେ ଗୃହୀତ ଏହି ଆଇନ ନିର୍ବାଚନପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭକରି କାର୍ଯ୍ୟକାରୀ ହୋଇଛି। ଏହାପରେ ସଂଚାର ମନ୍ତ୍ରଣାଳୟ ଏହି ଆଇନର କେତେକ ଧାରାକୁ କାର୍ଯ୍ୟକାରୀ କରିବାପାଇଁ ଏକ ଗେଜେଟ ନୋଟିଫିକେସନ୍ ଜାରୀ କରିଛନ୍ତି। ଏହାଫଳରେ

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

### ଭିତର ପୃଷ୍ଠାରେ ~~~~~~~~~~~

- ★ ଶ୍ରମିକ ଜୀବନର ମୂଲ୍ୟ କେତେ !
- ★ ଫ୍ରାନ୍ସରେ ନିର୍ବାଚନରେ ବାମପନ୍ଥାକୁ ହିଁ ବାଛି ନେଲେ ଜନସାଧାରଣ।
- ★ ଅସହ୍ୟ ଦରବୃଦ୍ଧି : କେନ୍ଦ୍ର ଓ ରାଜ୍ୟ ସରକାର କଳାବଜାରୀଙ୍କ ପକେଟରେ।
- ★ ସିପିଡିଆରଏସ୍ ଉଦ୍ୟୋଗରେ କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରଣୀତ ତିନୋଟି ଅପରାଧିକ ଆଇନ ସଂପର୍କରେ ଆଲୋଚନା।
- ★ ନୂଆ ଜାତୀୟ ଶିକ୍ଷାନୀତି-୨୦୦୦ ପ୍ରତ୍ୟାହାର ପାଇଁ ସମସ୍ତ ସାଂସଦମାନଙ୍କୁ ସର୍ବଭାରତୀୟ ଶିକ୍ଷା ବଂଚାଅ କମିଟିର ଚିଠି।

# ଶ୍ରମିକର ଜୀବନର ମୂଲ୍ୟ କେତେ !

ଦୁର୍ଘଟଣା ! ଆପାତ ଦୃଷ୍ଟିରେ ଯାହା ଦୁର୍ଘଟଣା ବୋଲି ମନେହୁଏ ସେ ସବୁଗୁଡିକ କଣ ପ୍ରକୃତରେ ଦୁର୍ଘଟଣା ? ହଁ ସେଗୁଡିକ ମଧ୍ୟରୁ କେତେକ ନିଶ୍ଚିତ ଭାବରେ ଦୁର୍ଘଟଣା । ମାତ୍ର ଯେଉଁ ସମସ୍ତ ଘଟଣା ଗୁଡିକୁ ସାଧାରଣ ଭାବରେ ଆମେ ଦୁର୍ଘଟଣା ବୋଲି ମନେକରୁ ସେଗୁଡିକ ମଧ୍ୟରୁ ଅଧିକାଂଶ ହିଁ ଶେଷ ବିଚାରରେ ଦୁର୍ଘଟଣା ନୁହେଁ, ମନୁଷ୍ୟକୃତ ବୋଲି ଜଣାପଡେ ।

ଆମେ ଏଭଳି କାହିଁକି କହୁଛୁ ? ଏଇ ଅଳ୍ପ କେତେଦିନ ପୂର୍ବରୁ କୁଏତ୍ ଦେଶରେ ଘଟିଯାଇଥିବା ମର୍ମନ୍ତୁଦ ଘଟଣା କଥା ଉଦାହରଣ ସ୍ୱରୂପ ଏଠାରେ ଉଲ୍ଲେଖ କରାଯାଉଛି ।

ଏହି ହୃଦୟ ବିଦାରକ ଘଟଣା ମହାଭାରତ ବର୍ଣ୍ଣିତ ଜତୁଗୃହ ସହିତ ତୁଳନୀୟ । ବାହାରୁ ଦେଖିଲେ ଏହା ବହୁତଳ ବିଶିଷ୍ଟ ଚକ୍‌ମକ୍ କରୁଥିବା ଅଟ୍ଟାଳିକା ବୋଲି ମନେ ହେବ । ମାତ୍ର ପ୍ରକୃତରେ ଏହାଥିଲା ଶ୍ରମିକମାନଙ୍କର ଏକ ଅସ୍ଥାୟୀ କ୍ୟାମ୍ପ । ଭାରତ ସମେତ ପୃଥିବୀର ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୨୦୦ରୁ ଅଧିକ ନିର୍ମାଣ ଶ୍ରମିକ ଦକ୍ଷିଣ କୁଏତ୍‌ରେ ଏହି ୬ ତାଲା କୋଠାରେ ପଶୁତୁଲ୍ୟ ଅବସ୍ଥାରେ ମୁଣ୍ଡ ଗୁଞ୍ଜିଥିଲେ । ଅଗ୍ନିକାଣ୍ଡରେ ଏମାନଙ୍କ ମଧ୍ୟରୁ ୪୯ ଜଣଙ୍କ ମୃତ୍ୟୁ ଘଟିଛି, ମୃତ ଶ୍ରମିକମାନଙ୍କ ମଧ୍ୟରୁ ୪୦ ଜଣ ଭାରତୀୟ । ଏହା ବ୍ୟତୀତ ଶତାଧିକ ଗୁରୁତର ଭାବରେ ଆହତ ହୋଇ ସାରାଜୀବନ ପାଇଁ ପଙ୍ଗୁ ହୋଇଯାଇଛନ୍ତି । କାହିଁକି ଏତେ ସଂଖ୍ୟକ ଶ୍ରମିକମାନେ ଏତେ କମ୍ ଜାଗାରେ ମାଡିଜାକି ହୋଇ ରହୁଥିଲେ ? ସ୍ୱେଚ୍ଛାରେ ନିଶ୍ଚୟ ରହୁ ନଥିଲେ । କୁଏତ୍ ସରକାର ଓ ସ୍ଥାନୀୟ ଅଧିକାରୀମାନଙ୍କ ଦ୍ୱାରା ଜାରୀ ବିବୃତ୍ତିରୁ ଜଣାଯାଉଛି ଯେ, ରିଅଲ ଇଷ୍ଟେଟ୍ ବ୍ୟବସାୟ କରୁଥିବା ଏକଚାଟିଆ ପୁଞ୍ଜିପତିମାନଙ୍କର ଅତିଶୟ ଲୋଭ ଫଳରେ ଏହା ଘଟିଲା । ସର୍ବୋଚ୍ଚ ମୁନାଫା ଲୋଭରେ କମ୍ପାନୀ ଦ୍ୱାରା ନିୟୋଜିତ ନିର୍ମାଣ ଶ୍ରମିକମାନଙ୍କୁ ଅଳ୍ପ ଜାଗାରେ ଏହିଭଳି ଭାବରେ ପଶୁଭଳି ରଖାଯିବା ଫଳରେ ହିଁ ଏହି ଘଟଣା ଘଟିଲା ।

କେହି ହୁଏତ କହିପାରନ୍ତି ଯେ, ଅଗ୍ନିକାଣ୍ଡ ଓ ସେହି କାରଣରୁ ମୃତ୍ୟୁ କ'ଣ ଅନ୍ୟ କେଉଁଠି ହୁଏ ନାହିଁ । ହଁ ହୋଇପାରେ । ମାତ୍ର ଅତ୍ୟନ୍ତ ଅଳ୍ପ ଯାଗାରେ ବହୁ ସଂଖ୍ୟକ ଲୋକ ମାଡି-ଯାକି ହୋଇ ରହିବାକୁ ବାଧ୍ୟ ହେବାଫଳରେ ଉପଯୁକ୍ତ ସମୟରେ ଲୋକମାନେ ବାହାରକୁ ବାହାରି ପାରିଲେ ନାହିଁ । ସେହି ବହୁତଳ ପ୍ରାସାଦରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ମଧ୍ୟ ନଥିଲା । ଖବରରୁ ଜଣାପଡିଛି ଯେ, ଗୋଟିଏ ଗୋଟିଏ ବଖରା ଘରକୁ ବହୁଲୋକଙ୍କୁ ରହିବାପାଇଁ ଯେଉଁ ପ୍ଲାଇଉଡ୍ ପାର୍ଟିସନ ବ୍ୟବହାର କରାଯାଇଥିଲା ସେଥିରେ ନିଆଁ ଲାଗିବା ଫଳରେ ଏହିଭଳି ଗୁରୁତର ଅବସ୍ଥା ସୃଷ୍ଟି ହେଲା । ଶ୍ରମିକମାନେ ମଣିଷ ଭଳି ରହିବାର ସୁଯୋଗ ପାଇଥିଲେ ଏହିଭଳି ମର୍ମନ୍ତୁଦ ଘଟଣା କେବେହେଲେ ଘଟି ନଥାନ୍ତା । ଏହି କମ୍ପାନୀର ମାଲିକମାନେ କ'ଣ ଏହିଭଳି ଅବସ୍ଥାରେ ରହନ୍ତି ? ବାସ୍ତବରେ ଧନତାନ୍ତ୍ରିକ ବ୍ୟବସ୍ଥାରେ ଅର୍ଥ ଓ ଧନ ସଂପତ୍ତିର ମାଲିକାନାକୁ ଭିତ୍ତିକରି ହିଁ ମଣିଷ ଜୀବନର ମୂଲ୍ୟ ମଧ୍ୟ ନିର୍ଦ୍ଧାରିତ ହୁଏ । ସାମାଜିକ ଉତ୍ପାଦନରେ ବାସ୍ତବରେ ଯେଉଁମାନଙ୍କର କୌଣସି ଭୂମିକା ନାହିଁ, କେବଳ ମାତ୍ର ପୁଞ୍ଜିର ମାଲିକ ବୋଲି ସେମାନଙ୍କର ଜୀବନ ମୂଲ୍ୟବାନ । ମାତ୍ର ଯାହାର ହାଡଭଙ୍ଗା ପରିଶ୍ରମ ଫଳରେ ଏହି ସଭ୍ୟତା ଗଢିଉଠିଛି ସେମାନଙ୍କ ଜୀବନର କାଣିକଉଡି ମୂଲ୍ୟ ମଧ୍ୟ ନାହିଁ ।

ଏହି ପୃଥିବୀରେ ଯେତେ ମୀନାର, ସୌଧ, ସଡକ, ରେଳପଥ, ସହର, ବନ୍ଦର ଗଢିଉଠିଛି ଓ ପ୍ରତିନିୟତ ସେଗୁଡିକର ପରିଚାଳନା ହେଉଛି ତାର ପଛରେ ରହିଛି କୋଟି କୋଟି ଶ୍ରମିକର ଶ୍ରମ । ମାତ୍ର ସେକଥା କଣ କେହି ମନେ ରଖିଛି ! ମାଲିକର ମୁନାଫା ପାଇଁ ଯେ କେତେ ଶ୍ରମଜୀବୀ ମଣିଷର ଜୀବନ ଅକାଳରେ ଝଡି ପଡୁଛି, ତାର ସଂସାର ଉଚ୍ଛନ୍ନ ହୋଇଯାଉଛି, ତା'ର ହିସାବ କେହି ରଖେ ନାହିଁ । ମନୁଷ୍ୟକୃତ ଦୁର୍ଘଟଣାରେ ମୃତ୍ୟୁ ହେଲେ ଅତିବେଶୀରେ ସଭ୍ୟତାର ସ୍ରଷ୍ଟା ଏହି ଶ୍ରମଜୀବୀ ମଣିଷର ପରିବାର ଲୋକଙ୍କ ହାତରେ କିଛି ଟଙ୍କା ଧରାଇ ଦେଇ ମାଲିକ ବା ସରକାର ତାଙ୍କର କାମ ସାରି ଦିଅନ୍ତି । ତା' ମଧ୍ୟ ସବୁ ଘଟଣାରେ ଓ ଆବଶ୍ୟକ ପରିମାଣରେ ନୁହେଁ । ପୁଣି ନିଜକୁ ସଚେତନ ମଣିଷ ବୋଲି ମନେକରୁଥିବା ତଥାକଥିତ ଭଦ୍ରଲୋକମାନଙ୍କ ପାଇଁ ଏହି ଧରଣର ମୃତ୍ୟୁ ଖବର କାଗଜର ଅନ୍ୟ ଅନେକ ଖବର ମଧ୍ୟରୁ ଗୋଟିଏ । ଏସବୁ ନିତ୍ୟନୈମିତ୍ତିକ ଘଟଣାରେ ପରିଣତ ହୋଇଛି । ଗୋଟିଏ ଦିଗରେ ଅମାନବୀୟ ଶ୍ରମିକ ଶୋଷଣ ଓ ଅନ୍ୟ ଦିଗରେ ମଣିଷର ମଣିଷପଣିଆ ଓ ସୂକ୍ଷ୍ମ ସଂବେଦନଶୀଳତାର ତିଳ ତିଳ ହତ୍ୟା, ପୁଞ୍ଜିବାଦୀ ବ୍ୟବସ୍ଥାର ଏହାହିଁ କଠୋର ବାସ୍ତବତା

★★★

# ଫ୍ରାନ୍ସରେ ନିର୍ବାଚନରେ ବାମପନ୍ଥାକୁ ହିଁ ବାଛି ନେଲେ ଜନସାଧାରଣ

ଫ୍ରାନ୍ସରେ ସଦ୍ୟ ଅନୁଷ୍ଠିତ ନିର୍ବାଚନର ଫଳାଫଳକୁ ନେଇ ସାରା ଦୁନିଆରେ ଚର୍ଚ୍ଚା ଚାଲିଛି । ୟୁରୋପର ବିଭିନ୍ନ ଦେଶରେ ଏବଂ ୟୁରୋପୀୟ ପାର୍ଲାମେଣ୍ଟରେ ଦକ୍ଷିଣପନ୍ଥୀମାନଙ୍କର ଶକ୍ତି ବୃଦ୍ଧି ଘଟୁଥିଲାବେଳେ ଫ୍ରାନ୍ସର ସାଧାରଣ ନିର୍ବାଚନରେ ଦେଶର ବାମପନ୍ଥୀ ଦଳମାନଙ୍କର ମେଣ୍ଟ ନ୍ୟୁ ପପୁଲାର ଫ୍ରଣ୍ଟ(New Popular Front-NPF) ୧୮୨ଟି ଆସନ ଲାଭ କରିଛି ।

ଦୁଇଟି ଦଫରେ ଫ୍ରାନ୍ସର ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜୁନ ୩୦ ତାରିଖରେ ଅନୁଷ୍ଠିତ ପ୍ରଥମ ଦଫା ନିର୍ବାଚନରେ ମୂଳ ପ୍ରତିଯୋଗିତା ଗୋଟିଏ ଦିଗରେ ରାଷ୍ଟ୍ରପତି ମ୍ୟାକ୍ରୋଁଙ୍କ ନେତୃତ୍ୱାଧୀନ ନରମ ଦକ୍ଷିଣପନ୍ଥୀ ଏନ୍‌ସେମ୍ବଲ ମେଣ୍ଟ, ଉଗ୍ର ଦକ୍ଷିଣପନ୍ଥୀ ନ୍ୟାସନାଲ ର୍‍ୟାଲି ଏବଂ ଅନ୍ୟପଟରେ ଜାଁ ଲୁକ୍ ମେଲେସୋଁଙ୍କ ନେତୃତ୍ୱାଧୀନ ବାମପନ୍ଥୀ ମେଣ୍ଟ ନ୍ୟୁ ପପୁଲାର ଫ୍ରଣ୍ଟ ମଧ୍ୟରେ ହୋଇଥିଲା । ଏହି ଦଫାରେ ପ୍ରାୟ ୩୩ ଶତାଂଶ ଭୋଟ ପାଇ ନ୍ୟାସନାଲ ର୍‍ୟାଲି ପ୍ରଥମ ସ୍ଥାନରେ ପହଂଚିଥିଲା । ଏହି ଅବସ୍ଥାରେ ଦେଶରେ ଉଗ୍ର ଦକ୍ଷିଣପନ୍ଥୀମାନଙ୍କର କ୍ଷମତାକୁ ଆସିବାର ବିପଦ ସୃଷ୍ଟି ହେବାରୁ ମ୍ୟାକ୍ରୋଁଙ୍କ ଦଳ ଓ ବାମପନ୍ଥୀ ନ୍ୟୁ ପପୁଲାର ଫ୍ରଣ୍ଟ ଦ୍ୱିତୀୟ ଦଫା ଭୋଟ ଗ୍ରହଣ ପୂର୍ବରୁ ମେଣ୍ଟ ଗଠନ କରିଥିଲେ । ଦୁଇ ମେଣ୍ଟଭୁକ୍ତ ଦଳମାନଙ୍କ ମଧ୍ୟରୁ ଯେଉଁ ଦଳ ଯେଉଁଠି ଦୁର୍ବଳ ସେଠାରେ ନିଜର ପ୍ରାର୍ଥୀ ପ୍ରତ୍ୟାହାର କରି ଜୟଲାଭ କରିବାର ଅଧିକ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବାକୁ ମିଳିତ ଭାବରେ ଆହ୍ୱାନ ଜଣାଇଥିଲେ । ଏହାଫଳରେ ଜୁଲାଇ ୭ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ଦଫା ଭୋଟରେ ନ୍ୟାସନାଲ ର୍‍ୟାଲି ତୃତୀୟ ସ୍ଥାନକୁ ଖସି ଯାଇଛି ଏବଂ ଫ୍ରାନ୍ସର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ସମର୍ଥନରେ ଜାତୀୟ ସଂସଦରେ ବାମପନ୍ଥୀ ମେଣ୍ଟ ନ୍ୟୁ ପପୁଲାର ଫ୍ରଣ୍ଟସବୁଠାରୁ ଅଧିକ ଆସନ ପାଇଛି ।

ଭାରତ ଭଳି ୟୁରୋପର ପୁଞ୍ଜିବାଦୀ ଦେଶ ଗୁଡିକରେ ମଧ୍ୟ ଦାରିଦ୍ର୍ୟ-ବେକାରୀ-ଦରଦାମ ବୃଦ୍ଧି-ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରୀ ବ୍ୟୟବରାଦ ହ୍ରାସ ସହିତ ଅସଂଖ୍ୟ ସମସ୍ୟାରେ ସାଧାରଣ ଲୋକଙ୍କ ଜୀବନ ବିପର୍ଯ୍ୟସ୍ତ । ଫ୍ରାନ୍ସର ଉଦାହରଣ ନେଲେ ଦେଖାଯିବ ଯେ, ମଜୁରୀ ବୃଦ୍ଧି, ଅବସର ବୟସ ହ୍ରାସ କରିବା, ଜିନିଷପତ୍ରର ଦାମ କମାଇବା, ଚିକିତ୍ସା, ସ୍ୱାସ୍ଥ୍ୟସେବା ସମେତ ଅନ୍ୟାନ୍ୟ ବହୁ ଦାବିରେ ସେହି ଦେଶର ମେହେନତୀ ମଣିଷ ଗତ ବେଶ କିଛିବର୍ଷ ଧରି ବାରବାର ଆନ୍ଦୋଳନର ଜୁଆର ସୃଷ୍ଟି କରୁଛନ୍ତି । ଗଣଆନ୍ଦୋଳନର ଜୁଆରରେ ଫ୍ରାନ୍ସ ବାରବାର ଉତ୍ତାଳ ହୋଇଉଠୁଛି । ଜର୍ମାନୀ, ବ୍ରିଟେନ ସହ ୟୁରୋପର ପ୍ରାୟ ଅନ୍ୟାନ୍ୟ ସମସ୍ତ ଦେଶମାନଙ୍କରେ ମଧ୍ୟ ସମାନ ପରିସ୍ଥିତି ।

ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ରାଜନୈତିକ ମ୍ୟାନେଜରରେ ପରିଣତ ହୋଇଥିବା ସରକାର ଗୁଡିକର ଜନସ୍ୱାର୍ଥ ବିରୋଧୀ ନୀତି ବିରୁଦ୍ଧରେ ସମସ୍ୟା ଜର୍ଜରିତ ସାଧାରଣ ମଣିଷର କ୍ଷୋଭର ସୁଯୋଗ ନେଉଛି ଦକ୍ଷିଣପନ୍ଥୀ ରାଜନୀତି । ଶୋଷଣମୂଳକ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥା ହିଁ ଯେ ପ୍ରତିମୂହୂର୍ତ୍ତରେ ଜନଜୀବନର ଜ୍ୱଳନ୍ତ ସମସ୍ୟା ଗୁଡିକୁ ଜନ୍ମ ଦେଇ ଚାଲିଛି, ତାକୁ ଲୋକଲୋଚନର ଅନ୍ତରାଳରେ ଲୁଚାଇ ରଖିବାପାଇଁ ଠିକ୍ ଭାରତଭଳି ୟୁରୋପର ସମସ୍ତ ଦେଶରେ ମଧ୍ୟ ଦକ୍ଷିଣପନ୍ଥୀ ଶକ୍ତି ଗୁଡିକ ଜନସାଧାରଣଙ୍କ ମଧ୍ୟରେ ନାନା ଧରଣର ବିଭ୍ରାନ୍ତିର ପ୍ରଚାର କରି ନିଜର ଶକ୍ତି ବୃଦ୍ଧି କରିଛନ୍ତି । ଆମ ଦେଶଭଳି ୟୁରୋପର ଦେଶଗୁଡିକରେ ମଧ୍ୟ ଦକ୍ଷିଣପନ୍ଥୀମାନେ ଜନଜୀବନର ମୁଖ୍ୟ ସମସ୍ୟାଗୁଡିକର କାରଣ ଭାବରେ କୌଣସି ନା କୌଣସି ସଂଖ୍ୟାଲଘୁ ଜନସଂପ୍ରଦାୟକୁ ଚିହ୍ନିତ କରୁଛନ୍ତି । ଭାରତର ସଂଖ୍ୟା ଲଘୁ ମୁସଲମାନ ମାନଙ୍କୁ ଦକ୍ଷିଣପନ୍ଥୀ ମାନଙ୍କ ଆକ୍ରମଣର ସମ୍ମୁଖୀନ ହେବାକୁ ପଡୁଛି । ହଜାର ହଜାର ବର୍ଷଧରି ଭାରତର ଅଧିବାସୀ ଏହି ସଂଖ୍ୟାଲଘୁମାନଙ୍କୁ 'ଅନୁପ୍ରବେଶକାରୀ' ଏବଂ ଦେଶର ସମସ୍ତ ସମସ୍ୟା ପାଇଁ ଦାୟୀ ହିସାବରେ ଚିହ୍ନିତ କରିବାର ପ୍ରବଳ ଅପଚେଷ୍ଟା ଚଳାଇ ଯାଉଛନ୍ତି ଆରଏସ୍‌ଏସ୍ -ବିଜେପି ଭଳି ଦକ୍ଷିଣପନ୍ଥୀ ଶକ୍ତି । ଠିକ୍ ସେହିଭଳି ଫ୍ରାନ୍ସରେ ଲ୍ୟା ପେନ୍‌ଙ୍କ ନେତୃତ୍ୱାଧୀନ ଅତିଦକ୍ଷିଣପନ୍ଥୀ ନ୍ୟାସନାଲ ର୍‍ୟାଲି ସେହି ଦେଶର ସାଧାରଣ ଲୋକଙ୍କର ଯାବତୀୟ ଦୁର୍ଦ୍ଦଶା ପାଇଁ ବାହାରୁ ଆସି ଫ୍ରାନ୍ସରେ ବସବାସ କରୁଥିବା ଲୋକଙ୍କୁ ଦାୟୀ କରୁଛି । ବିଶ୍ୱର ବିଭିନ୍ନ ଦେଶର ଲୋକ କାମର ସନ୍ଧାନରେ ଫ୍ରାନ୍ସକୁ ଆସି ନିଜର ଶସ୍ତା ଶ୍ରମଦେଇ ସେ ଦେଶର ସଂପଦ ସୃଷ୍ଟି କରିଛନ୍ତି । ମାତ୍ର ସେହି ମାନଙ୍କୁ ହିଁ ଦେଶର ସମସ୍ତ ସମସ୍ୟା ପାଇଁ ଦକ୍ଷିଣପନ୍ଥୀମାନେ ଦାୟୀ କରୁଛନ୍ତି । ଏହା ସହିତ ଦକ୍ଷିଣପନ୍ଥୀ ଶକ୍ତିମାନେ ବର୍ଣ୍ଣବୈଷମ୍ୟବାଦ ଭଳି କୁତ୍ସିତ ମାନସିକତାକୁ ୟୁରୋପର ବିଭିନ୍ନ ଦେଶରେ ପ୍ରୋତ୍ସାହିତ କରୁଛନ୍ତି । ଜନସାଧାରଣଙ୍କ ବିକ୍ଷୋଭ ଯେଭଳି ସଂଗଠିତ ଆନ୍ଦୋଳନର ରୂପ ଧାରଣ କରି ପୁଞ୍ଜିବାଦୀ ବ୍ୟବସ୍ଥାକୁ ହିଁ ଧ୍ୱଂସ କରି ନଦିଏ ସେଥିପାଇଁ ପୁଞ୍ଜିପତି ଶ୍ରେଣୀ ଏହି ଧରଣର ଦକ୍ଷିଣପନ୍ଥୀ ଶକ୍ତିଗୁଡିକୁ ମୁକ୍ତ ହସ୍ତରେ ଅର୍ଥଦେଇ, ପ୍ରଚାର ଦେଇ ଶକ୍ତିଶାଳୀ ହେବାରେ ସମସ୍ତ ପ୍ରକାର ସାହାଯ୍ୟ କରୁଛନ୍ତି । ଏହାଦ୍ୱାରା ଜନସାଧାରଣଙ୍କର ଏକ ଅଂଶ ବିଭ୍ରାନ୍ତ ହେଉଛି । ସୁତରାଂ କେବଳ ଭାରତରେ ହିଁ ନୁହେଁ ଫ୍ରାନ୍ସ ସହ ଫିନ୍‌ଲ୍ୟାଣ୍ଡ, ନେଦରଲ୍ୟାଣ୍ଡ, ଇଂଲ୍ୟାଣ୍ଡ ଓ ଜର୍ମାନୀ ଭଳି ଦେଶମାନଙ୍କରେ ମଧ୍ୟ ସଂପ୍ରତି ଦକ୍ଷିଣପନ୍ଥୀ ଶକ୍ତିମାନେ ମୁଣ୍ଡଟେକିବା ଦେଖାଯାଉଛି ।

କିନ୍ତୁ ଅସଲ କଥା ହେଉଛି ପେଟର ଜ୍ୱାଳା । ସେଥିପାଇଁ ବେକାରୀ-ଗରିବି, ମୂଲ୍ୟବୃଦ୍ଧି-ଅର୍ଥନୈତିକ ବୈଷମ୍ୟ ଜର୍ଜରିତ ଫ୍ରାନ୍ସର ମେହେନତୀ ଜନସାଧାରଣଙ୍କୁ ବାର ବାର ଆନ୍ଦୋଳନର ରାସ୍ତାରେ ଅଗ୍ରସର ହେବାକୁ ପଡୁଛି । ଜନସାଧାରଣଙ୍କର ଗୋଟିଏ ବଡଅଂଶ ଏହା ବୁଝିପାରିଛନ୍ତି, ବାରବାର ପ୍ରତାରିତ ହୋଇ ବୁଝିପାରିଛନ୍ତି ଯେ ନ୍ୟାସନାଲ ର୍‍ୟାଲିର ବିଭେଦମୂଳକ, କର୍ପୋରେଟ ମଦଦକାରୀ ରାଜନୀତି ସେମାନଙ୍କ ସମସ୍ୟା ସମାଧାନ ପାଇଁ ରାସ୍ତା ଦେଖାଇ ପାରିବନାହିଁ । ସେଥିପାଇଁ ସେମାନେ ବାମପନ୍ଥୀମାନଙ୍କ ପତାକାତଳେ ଏକତ୍ରିତ ହୋଇଛନ୍ତି । ଏହି ନିର୍ବାଚନରେ ବାମପନ୍ଥୀମାନଙ୍କ ମେଣ୍ଟ ଜନସାଧାରଣଙ୍କ ସ୍ୱାର୍ଥରେ ବହୁ ଦାବି ଉତ୍‌ଥାପତି କରିଥିଲା । ନିର୍ବାଚନ ସମୟରେ ବାମପନ୍ଥୀ ମେଣ୍ଟର ସ୍ଲୋଗାନ ଥିଲା-ମାସିକ ନ୍ୟୁନତମ ମଜୁରି ବୃଦ୍ଧି କରିବାକୁ ହେବ, ଅବସର ବୟସ ହ୍ରାସକରି ୬୦ବର୍ଷ କରିବାକୁ ହେବ, ସରକାରଙ୍କୁ ଆଗାମୀ ୫ ବର୍ଷରେ ସ୍ୱଳ୍ପ ମୂଲ୍ୟରେ ଅନ୍ତତଃ ୧୦ଲକ୍ଷ ରହିବା ଘର ନିର୍ମାଣ କରିବାକୁ ହେବ, ଖାଦ୍ୟ ଦ୍ରବ୍ୟ, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଜାଳେଣୀର ଦର ହ୍ରାସ କରିବାକୁ ହେବ ଇତ୍ୟାଦି । ଅତିଧନୀ ଓ ଅତିରିକ୍ତ ମୁନାଫା ଅର୍ଜନକାରୀ ମାନଙ୍କଠାରୁ ଅଧିକ କର ଟିକସ ଆଦାୟକରି ସେହି ଅର୍ଥ ଜନକଲ୍ୟାଣ ପାଇଁ ଖର୍ଚ୍ଚ କରିବାକୁ ମଧ୍ୟ ବାମପନ୍ଥୀ ମେଣ୍ଟ ପକ୍ଷରୁ ଦାବି କରାଯାଇଥିଲା । ଏହି ଦାବି ଫଳରେ ହିଁ ବାମପନ୍ଥୀ ମେଣ୍ଟ ପ୍ରତି ଜନସମର୍ଥନ ବୃଦ୍ଧି ପାଇଥିଲା । ଏହା ଫଳରେ ଉଗ୍ର ଦକ୍ଷିଣପନ୍ଥୀମାନଙ୍କୁ ପଛକୁ ହଟିବାକୁ ପଡିଛି । ଠିକ୍ ସେହିଭଳି ଭାରତରେ ମଧ୍ୟ ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ବିଜେପି ଏକକ ସଂଖ୍ୟାଗରିଷ୍ଠତା ହାସଲ କରିପାରିନାହିଁ ।

କମ୍ୟୁନିଷ୍ଟ, ସୋସାଲିଷ୍ଟ, ପରିବେଶବାଦୀ, ପ୍ରଭୃତି କେତେଟି ଦଳ ମିଶି ଫ୍ରାନ୍ସର ଏହି ବାମପନ୍ଥୀ ମେଣ୍ଟ ଗଢିତୋଳିଛନ୍ତି । କୌଣସି ଗୋଟିଏ ହେଲେ ଦଳ ସରକାର ଗଠନ ପାଇଁ ପ୍ରୟୋଜନ ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ନପାରିଥିବାରୁ ବାମପନ୍ଥୀମାନଙ୍କୁ ମଧ୍ୟ କ୍ଷମତାକୁ ଆସିବାକୁ ହେଲେ ପୁଞ୍ଜିପତିମାନଙ୍କର ପଦଲେହନକାରୀ ମ୍ୟାକ୍ରୋଁଙ୍କ ଦଳର ସହାୟତା ନେବାକୁ ହେବ । ସେହି ପରିସ୍ଥିତିରେ ବାମପନ୍ଥୀମାନେ ସେମାନଙ୍କର ଦାବି କାର୍ଯ୍ୟକାରୀ କରିବାକୁ ଗଲେ ମ୍ୟାକ୍ରୋଁଙ୍କ ଦଳ ଏଥିରେ ପ୍ରତିବନ୍ଧକ ସୃଷ୍ଟିକରିବା ନିଶ୍ଚିତ । ସେ ଦେଶର ପୁଞ୍ଜିପତି ଶ୍ରେଣୀ ମଧ୍ୟ ସରକାର ଏହି ଧରଣର ପଦକ୍ଷେପ ଗ୍ରହଣ କରୁ ବୋଲି ଚାହିଁବ ନାହିଁ । ସେଥିପାଇଁ ବାମପନ୍ଥୀ ନେତୃତ୍ୱର ପ୍ରଜ୍ଞା, ଦୃଢତା ଏବଂ ଜନସାଧାରଣଙ୍କୁ ସଂଗଠିତ କରି ଆନ୍ଦୋଳନ ଗଢିତୋଳିବାର କ୍ଷମତା ଉପରେ ହିଁ ଆଗାମୀ ଦିନରେ ଫ୍ରାନ୍ସର ରାଜନୀତିର ଗତି ପ୍ରକୃତି ନିର୍ଭର କରିବ । ସୁତରାଂ ଚଳିତ ନିର୍ବାଚନ ଫ୍ରାନ୍ସର ବାମପନ୍ଥୀମାନଙ୍କ ସମ୍ମୁଖରେ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସେହି ଚ୍ୟାଲେଞ୍ଜକୁ ବାମପନ୍ଥୀମାନେ କିଭଳି ଭାବରେ ସମ୍ମୁଖୀନ ହେବେ ତା'ଉପରେ ବାମପନ୍ଥୀମାନଙ୍କର ଓ ଫ୍ରାନ୍ସର ସାଧାରଣ ଲୋକଙ୍କ ଭବିଷ୍ୟତ ନିର୍ଭର କରୁଛି ।

★★★

## ରାଜ୍ୟ ବିଜେପି ସରକାର . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ପାଣି ସୃଷ୍ଟି କରାଯିବ। ତେବେ ଘୋଷଣା ଓ ବାସ୍ତବତା ମଧ୍ୟରେ ଯେ କେତେ ପାର୍ଥକ୍ୟ ତାହା ଗତ ରଥଯାତ୍ରା, ବାହୁଡା ଯାତ୍ରା ସମୟରେ ଘଟିଥିବା ଚରମ ସରକାରୀ ଓ ପ୍ରଶାସନିକ ଅବ୍ୟବସ୍ଥା ଓ ବିଶୃଙ୍ଖଳାରୁ ହିଁ ଜଣାପଡିଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ରଥ ଯାତ୍ରାରେ ବିପୁଳ ଜନସମାଗମ ହେବ ବୋଲି ଜଣାଥିଲା। ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ତଥା ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଘନ ଘନ ବିବୃତ୍ତି ଦେଉଥିଲେ, ଆମେ ସବୁଦିଗରୁ ପ୍ରସ୍ତୁତ। କିନ୍ତୁ କ'ଣ ଘଟିଲା ? ରଥଯାତ୍ରା ବେଳେ ଦଳା ଚକଟାରେ ହଜାର ଲୋକ ଆହତ ହେଲେ। ବହୁ ଲୋକଙ୍କର ଗୋଡ ହାତ ଭାଙ୍ଗିଲା, ଅନେକ ଗୁରୁତରଭାବେ ଆହତ ହେଲେ। ଦୁଇଜଣଙ୍କର ମୃତ୍ୟୁ ହେଲା। ସବୁଠାରୁ ହାସ୍ୟାସ୍ପଦ କଥା ହେଉଛି ଏହି ଧରଣର ବିରାଟ ଜନସମାଗମ ପାଇଁ ପୁରୀ ସଦର ସରକାରୀ ହସପିଟାଲରେ ମାତ୍ର ୧୫୪ଟି ବେଡ ପ୍ରସ୍ତୁତ କରି ରଖାଯାଇଥିଲା। ପ୍ରୟୋଜନୀୟ ଔଷଧ, ସରଞ୍ଜାମ, ଡାକ୍ତର ନର୍ସ ମଧ୍ୟ ନଥିଲେ, ଫଳରେ ରୋଗୀମାନେ ଡାକ୍ତରଖାନା ବାରଣ୍ଡାରେ, ଷ୍ଟ୍ରେଚର ଉପରେ ପଡି ରହିଲେ। ଚିକିତ୍ସାରେ ଚରମ ଅବହେଳା ହେଲା। ଏ ଥିଲା ସେମାନଙ୍କର ବହୁ ପ୍ରଚାରିତ ପ୍ରସ୍ତୁତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରି ନିଜର ଦାୟିତ୍ୱ ଶେଷ କଲେ। ଅନ୍ୟପଟରେ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ କହିଲେ ଏ ତ ଲୀଳାମୟଙ୍କ ଲୀଳା, ମହାପ୍ରଭୁଙ୍କ ଇଚ୍ଛା। ନିଜର ଅପରାଧୀ ସୁଲଭ ଅପାରଗତାକୁ ଘଣ୍ଟ ଘୋଡାଇବା ପାଇଁ ଏମାନେ ଯେ କିଭଳି ଧର୍ମ, ଭଗବାନ ନାମକୁ ବ୍ୟବହାର କରନ୍ତି ଓ ଲୋକମାନଙ୍କର ଧର୍ମୀୟ ଭାବାବେଗ ସହିତ ଖେଳ ଖେଳନ୍ତି, ଏହା ତାର ଏକ କରୁଣ ନମୁନା। ଠିକ୍ ଏହିଭଳିଭାବେ ସେମାନେ ଭୋଟରେ ଜିତିବାପାଇଁ ବିପୁଳ ଟଙ୍କା, ମଦ, ଭୋଜି, ମିଡିଆ ପ୍ରଚାର ମିଥ୍ୟା ପ୍ରତିଶୃତି ସହିତ ଧର୍ମ, ଜଗନ୍ନାଥଙ୍କ ନାମକୁ ବ୍ୟାପକ ଭାବରେ ବ୍ୟବହାର କରିଥିଲେ। ଆଗମୀ ଦିନରେ ମଧ୍ୟ ନିଜର ଅପାରଗତାକୁ ଲୁଚାଇବା ପାଇଁ ଏହିଭଳି ବହୁ କଥା କହିବେ ତାହା ମଧ୍ୟ ସ୍ପଷ୍ଟ।

ପୁଣି ସେମାନେ ନିଜର ନିର୍ବାଚନୀ ପ୍ରତିଶୃତି ଧାନ କୁଇଣ୍ଟାଲ ପିଛା ୩୧୦୦ଟଙ୍କା ସରକାର ଗଠନ ହେବାର ୭ଦିନ ମଧ୍ୟରେ ପୂରଣ କରିବେ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ସଂପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଘୋଷଣା କରିଛନ୍ତି ଯାହା ଗତ ବର୍ଷ ତୁଳନାରେ ମାତ୍ର ୧୧୭ଟଙ୍କା ଅଧିକ। ତେବେ ଇତି ମଧ୍ୟରେ ସାର ବିହନର ମୂଲ୍ୟ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। ଏଥିସହିତ ପୋକମରା ଔଷଧ, ଡିଜେଲ, କୃଷି ଯନ୍ତ୍ରପାତି, ବିଦ୍ୟୁତ ଶୁଳ୍କ ମଧ୍ୟ ବୃଦ୍ଧି ପାଇଛି। ଫଳରେ ଫସଲର ଉତ୍ପାଦନ ଖର୍ଚ୍ଚ ବ୍ୟାପକ ବୃଦ୍ଧି ପାଇଛି। ତେଣୁ ଧାନର ଏମ୍ଏସ୍ପିର ଏହି ସାମାନ୍ୟ ବୃଦ୍ଧି ଦ୍ୱାରା ଚାଷୀମାନେ କେତେ ଲାଭବାନ ହେବେ ତାହା ସହଜରେ ଅନୁମେୟ। ପୁଣି ଦିଲ୍ଲୀର ଐତିହାସିକ କୃଷକ ଆନ୍ଦୋଳନ ଚାପରେ ଗତ ପାଳିର କେନ୍ଦ୍ର ବିଜେପି ସରକାର ୩ଟି କଳା କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ ମଧ୍ୟ ଏମ୍ଏସ୍ପିକୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ଦାବିକୁ ଗ୍ରହଣ କରିନାହାଁନ୍ତି। ଏଥିପାଇଁ ପ୍ରତିଶୃତି ଦେଇ କେନ୍ଦ୍ର ସରକାର ଚାଷୀମାନଙ୍କୁ ପ୍ରତାରିତ କରିଛନ୍ତି। ଫଳରେ ସରକାର ଏମ୍ଏସ୍ପି ଯାହା ବି ଘୋଷଣା କରନ୍ତୁ, ପୂର୍ବଭଳି ଚାଷୀମାନେ ଦଲାଲମାନଙ୍କ ଦ୍ୱାରା ଶୋଷଣର ଶୀକାର ହେବେ ଓ ବେପାରୀମାନଙ୍କ ଇଚ୍ଛା ଅନୁଯାୟୀ ଘୋଷିତ ଏମ୍ଏସ୍ପି ଠାରୁ ଯଥେଷ୍ଟ କମ୍ ଦରରେ ବିକ୍ରୀ କରିବାକୁ ବାଧ୍ୟ ହେବେ। ଚାଷୀ ଆତ୍ମହତ୍ୟା ବନ୍ଦ ହେବ ନାହିଁ।

ଅନ୍ୟ ଦିଗରେ କୁହାଗଲା, ରାଜ୍ୟରେ ପ୍ରତିଷ୍ଠିତ ନୂଆ ସରକାର ହେଉଛି ଗରିବର ସରକାର। ତେବେ ବାସ୍ତବରେ କଣ ଘଟୁଛି ? ଗୋଟିଏ ଉଦାହରଣ ହିଁ ନିଆଯାଇପାରେ। ଜୁନ ୪ ତାରିଖରେ ନିର୍ବାଚନ ଶେଷ ହେଉ ହେଉ ସମସ୍ତ ଦୁଗ୍ଧ କମ୍ପାନୀମାନେ ସେମାନଙ୍କର ସମସ୍ତ ଉତ୍ପାଦନ ଉପରେ ଦର ବୃଦ୍ଧି କରିଦେଲେ। ଟୋଲଗେଟ୍ ମାନଙ୍କରେ ଟ୍ୟାକ୍ସ ବି ବଢିଗଲା। ସରକାର ଗଠନର ଉତ୍ସବ ଧୁମଧାମରେ ହେଉଥିଲା। ଆଉ ଏହା ସହିତ ତାଳ ଦେଇ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବିଶେଷକରି ଚାଉଳ, ଡାଲି, ଖାଇବା ତେଲ ଆଦି ଖାଦ୍ୟ ସାମଗ୍ରୀର ଦର, ପନିପରିବା ଦର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିଲା। ପୂର୍ବ ସରକାରଭଳି ମଧ୍ୟ ବିଭିନ୍ନ ଯୁକ୍ତି ଦେଇ ଆମ ରାଜ୍ୟ ସରକାର ହାତଟେକି ଦେଲେ। ଖୋଦ ଖାଦ୍ୟ ଯୋଗାଣ ମନ୍ତ୍ରୀ ବୟାନ ଦେଲେ, ବଜାର ଦର ନିୟନ୍ତ୍ରଣ ଆମ କ୍ଷମତା ବାହାରେ। ମହଜୁଦକାରୀ ଅସାଧୁ ବ୍ୟବସାୟୀ, କଳାବେପାରୀ ଉପରେ ସରକାରଙ୍କର ଯଦି କୌଣସି ନିୟନ୍ତ୍ରଣ ନାହିଁ, ପ୍ରଶାସନ ସ୍ଥାଣୁ, ଦରଦାମ ବୃଦ୍ଧିରେ ବିପର୍ଯ୍ୟସ୍ତ ଲୋକମାନଙ୍କୁ ରିହାତି ଦରରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାପାଇଁ ସରକାରଙ୍କର ଶକ୍ତି ନାହିଁ, ତେବେ ଏ ସରକାର କିଭଳି ଗରିବଙ୍କର ସରକାର ହେଲା ଭାବନ୍ତୁ।

ମୁଖ୍ୟମନ୍ତ୍ରୀ ପୁଣି ସମସ୍ତ ସରକାରୀ ଜମିରୁ ଜବଦଦଖଲ ଉଚ୍ଛେଦ କରିବାପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଉଚ୍ଛେଦ ହେଉଥିବା ସାଧାରଣ ଲୋକଙ୍କର ଥଇଥାନ ଓ କ୍ଷତିପୂରଣର କଥା କହିନାହାନ୍ତି। ଏହା ମଧ୍ୟ ସତ୍ୟ , ବଡ ବଡିଆମାନେ ନୁହଁନ୍ତି, ବର୍ଷ ବର୍ଷ ଧରି ସରକାରୀ ଜମିରେ ପଲା ମାରି, କୁଡିଆ କରି ରହି ଆସୁଥିବା ଭୂମିହୀନ ଜନସାଧାରଣ, ବସ୍ତିବାସିନ୍ଦା, ରାସ୍ତାକଡରେ ଛୋଟ ଛୋଟ ଦୋକାନ କରିଥିବା ଲୋକଙ୍କ ସମେତ ଆଦିବାସୀ ଓ ଅନ୍ୟାନ୍ୟ ଜଙ୍ଗଲ ଅଧିବାସୀମାନଙ୍କୁ ଜବରଦଖଲକାରୀ ଆଖ୍ୟାଦେଇ ଉଚ୍ଛେଦ କରିବା ଆରମ୍ଭ ହୋଇଛି। ଏହି ନୀତି ସେମାନଙ୍କ ପାଇଁ ହିଁ କାର୍ଯ୍ୟକାରୀ ହେଉଛି ଏବଂ ସେମାନଙ୍କୁ ବଳପୂର୍ବକ ବନ୍ଧୁକ ମୂଳରେ ଉଚ୍ଛେଦ କରାଯାଉଛି। ବିଭିନ୍ନ ରାଜ୍ୟରେ ଥିବା ବିଜେପି ସରକାର ତ ଏ ଦିଗରେ ଖୁବ ପାରଙ୍ଗମ। ସେଥିପାଇଁ ତ ଏହି ସରକାରମାନଙ୍କୁ ବୁଲଡୋଜର ସରକାର କୁହାଯାଏ। ଓଡିଶାରେ ବି ଏହି ପ୍ରଥମ ମାସରେ ତା'ର ଆଭାସ ମିଳିଲାଣି।

ଆହୁରି ମଧ୍ୟ ସରକାର ପ୍ରତିଷ୍ଠା ହେଉହେଉ ଖୁବ୍ ପ୍ରଚାର ହେଲା, ଏଥର ଓଡିଶା ମଦମୁକ୍ତ ହେବ। ରାଜ୍ୟର ମହିଳା ଉପମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀ ମଧ୍ୟ କହିଲେ, ମଦ ସଂପୂର୍ଣ୍ଣ ବନ୍ଦ ହେବ। ମାତ୍ର ଠିକ୍ ଏହାର କିଛି ଦିନପରେ ଆଇନ ମନ୍ତ୍ରୀ କହିଲେ, ମଦ ବନ୍ଦ ସମ୍ଭବ ନୁହେଁ, କାରଣ ସରକାର ଏଥିରୁ ପାଇଥିବା ୩୦୦୦ କୋଟି ଟଙ୍କାର ରାଜସ୍ୱ ହରାଇ ପାରିବ ନାହିଁ। ହଁ ଚୋରା ମଦ କାରବାର ବନ୍ଦ ହେବ। ମନ୍ତ୍ରୀମାନଙ୍କର ଏହିଭଳି ବିବୃତ୍ତି ଦିଆ ନିଆ ଚାଲୁଥିବା ବେଳେ ନୂଆ ମଦ ଦୋକାନ ଖୋଲିବା ଆରମ୍ଭ ହୋଇ ଗଲାଣି। ଆଉ ଏହା ମଧ୍ୟ ସମସ୍ତେ ଜାଣନ୍ତି, ଏହି ଚୋରା ମଦ ବେପାରୀମାନେ ଏହିସବୁ ଦଳମାନଙ୍କୁ ଓ ପୋଲିସକୁ ମୋଟା ଅଙ୍କର ଚାନ୍ଦା ଦେଇ ଏମାନଙ୍କ ଛତ୍ର ଛାୟା ତଳେ ମଦର ସାମ୍ରାଜ୍ୟ ଚଳାନ୍ତି। ବିଜେଡି ସରକାର ଓ ବର୍ତ୍ତମାନର ସରକାରଙ୍କର ମଦ ନୀତି ଯେ ସମାନ, ଏଥିରେ କୌଣସି ସନ୍ଦେହ ନାହିଁ।

ଓଡିଆ ଅସ୍ମିତାର ଖୁବ ପ୍ରଚାର ଚାଲିଛି। ଏଥିପାଇଁ ୨୦୦କୋଟି ଟଙ୍କାର ଫଣ୍ଡ ମଧ୍ୟ ବରାଦ କରାଯାଇଛି। ଏଣେ ୨୦୨୪-୨୫ ଶିକ୍ଷା ବର୍ଷର ୪ମାସ ବିତି ଗଲାଣି। ମାତ୍ର ଏବେ ବି ପ୍ରାଥମିକ ବିଦ୍ୟାଳୟର ସମସ୍ତ ପିଲା ପାଠ୍ୟ ପୁସ୍ତକ ପାଇ ନାହାନ୍ତି। ନୂଆ ସରକାରର ଏକ ମାସ ପୁରିଥିଲେ ବି ଏ ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଯୋଗାଣରେ କାହାର କ୍ରେଡିଟ୍ କେତେ, ତାକୁ ନେଇ ଗତ ନିର୍ବାଚନବେଳେ ବିଜେଡି-ବିଜେପି ମଧ୍ୟରେ କେତେ କାଦୁଆ ଫିଙ୍ଗା ଫିଙ୍ଗି ହୋଇଥିଲେ, ତା ରାଜ୍ୟବାସୀ ଦେଖିଛନ୍ତି। କିନ୍ତୁ ଏବେ ଅବସ୍ଥା କଣ ? ପୂର୍ବରୁ ଥିବା ବ୍ୟୟ ବରାଦ ପ୍ରଥମରୁ ପଂଚମ ଶ୍ରେଣୀ ପିଲାଙ୍କ ପାଇଁ ମୁଣ୍ଡ ପିଛା ୫ଟଙ୍କା ୯୦ପଇସା, ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାଙ୍କ ପାଇଁ ୮ଟଙ୍କା ୮୨ ପାଇସା ଅପରିବର୍ତ୍ତିତ ଅଛି। ନୂଆ ସରକାର ଗୋଟିଏ ବି ଟଙ୍କା ବଢାଇ ନାହାନ୍ତି। କିନ୍ତୁ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ଯେମିତି ଅବହେଳା ନ ହୁଏ ସେଥିପାଇଁ କଡା ନର୍ଦ୍ଦେଶ ଦେଇଛନ୍ତି। ଦରଦାମ ହୁହୁ ହୋଇ ବଢିଚାଲିଥିବାବେଳେ ଏହି ଟଙ୍କାରେ କ'ଣ ପୁଷ୍ଟିକର ଖାଦ୍ୟ ଯୋଗାଣ ସମ୍ଭବ ? ଏ ହେଉଛି ଆତ୍ମ ପ୍ରଚାରିତ ଓଡିଆ ପ୍ରେମୀ ସରକାରଙ୍କ ଆନ୍ତରିକତା।

ପାଠକ ମାନଙ୍କର ସ୍ମରଣଥିବ ଯେ ଦୀର୍ଘଦିନଧରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବ୍ୟକ୍ତିଗତ ସଚିବ ଭାବରେ କାମ କରିବାପରେ ରାଜନୀତିରେ ଯୋଗଦେଇଥିବା ଭିକେ ପାଣ୍ଡିଆନକୁ କେନ୍ଦ୍ରକରି ବିଜେପି ଓଡିଆ ଅସ୍ମିତା ସ୍ଲୋଗାନ ଉଠାଇଥିଲା। ନିର୍ବାଚନ ପ୍ରଚାର ସମୟରେ ସ୍ୱୟଂ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଜେପିର ସର୍ବଭାରତୀୟ ନେତାମାନେ ଏହାକୁ କେନ୍ଦ୍ରକରି ଅତ୍ୟନ୍ତ ସଂକୀର୍ଣ୍ଣ ଓ ଉଗ୍ର ଆଂଚଳିକତାବାଦର ପ୍ରଚାର କରି ରାଜନୈତିକ ସଫଳତା ହାସଲ କରିଥିଲେ। ଆମେ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ଜାତି, ଧର୍ମ, ଭାଷା ବା ଅଂଚଳକୁ ଭିତ୍ତକରି ସୃଷ୍ଟି କରାଯାଉଥିବା ସଂକୀର୍ଣ୍ଣତା ଦେଶର ମେହେନତି ମଣିଷର ଐକ୍ୟକୁ ହିଁ ବିନଷ୍ଟ କରେ ଏବଂ ଏହା ସାଧାରଣ ଲୋକଙ୍କ ସ୍ୱାର୍ଥର ପରିପନ୍ଥୀ। ଦେଶର ଯେକୌଣସି ପ୍ରାନ୍ତରେ ଜନ୍ମ ଗ୍ରହଣ କରିଥିବା ଯେକୌଣସି ବ୍ୟକ୍ତି ଦେଶର ଅନ୍ୟ ଯେକୌଣସି ସ୍ଥାନରେ ରାଜନୈତିକ କାର୍ଯ୍ୟକଳାପ କରିପାରିବ। ଏହା କେବଳ ବ୍ୟକ୍ତିର ସାମ୍ବିଧାନିକ ଅଧିକାର ନୁହେଁ, ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଏକ ସ୍ୱାଭାବିକ ଓ ସ୍ୱୀକୃତ ପରମ୍ପରା। ଆମ ରାଜ୍ୟରେ ଏହାର ଭୁରି ଭୁରି ଉଦାହରଣ ରହିଛି। ଦେଶର ସ୍ୱାଧୀନତା ଆନନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନୋତ୍ତର ଭାରତରେ ମଧ୍ୟ ଏହାର ବହୁ ଉଦାହରଣ ରହିଛି। ମାତ୍ର ଗୋଟିଏ ଜାତୀୟ ଦଳ ହୋଇ ମଧ୍ୟ ନିର୍ବାଚନରେ ଜୟଲାଭ କରିବାପାଇଁ ବିଜେପି ଦଳ ଏହିଭଳି ଉଗ୍ର ଆଂଚଳିକତାବାଦ ଓ ଭାଷାଗତ ବିଦ୍ୱେଷ ସୃଷ୍ଟି କରିବାପାଇଁ ପଶ୍ଚାଦପଦ ହେଲା ନାହିଁ। ମାତ୍ର ଓଡିଆ ଅସ୍ମିତାର ଦ୍ୱାହିଦେଇ କ୍ଷମତାସୀନ ହୋଇଥିବା ବିଜେପି ପ୍ରାୟ ୪୦ବର୍ଷର ବ୍ୟବଧାନରେ ଓଡିଶାରେ ଜନ୍ମଗ୍ରହଣ କରିନଥିବା ଜଣେ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ନିଯୁକ୍ତ କରିଛି। କେବଳ ସେତିକି ନୁହେଁ, ସେହି ଧରଣର ବହୁ ଅଧିକାରୀଙ୍କୁ ବିଜେପି ସରକାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଦାୟିତ୍ୱ ଅର୍ପଣ କରିଛି। ବିଜେଡି ସରକାର ଶାସନ କାଳରେ ଅମଲାତନ୍ତ୍ର ହାତରେ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ହୋଇଛି ବୋଲି ଅଭିଯୋଗ କରୁଥିବା ବିଜେପି ଦଳ କ୍ଷମତାସୀନ ହେବାପରେ ଜଣେ ଦୁଇଜଣ ଅମଲା ଓ ପୁଲିସ ଅଧିକାରୀଙ୍କୁ ବାଦ ଦେଇ ସେହି ପୁରୁଣା ଅଧିକାରୀମାନଙ୍କ ଉପରେହିଁ ନିର୍ଭରଶୀଳ। ଅବସର ପ୍ରାପ୍ତ ଅଧିକାରୀମାନଙ୍କ ଚାକିରିକାଳ ବୃଦ୍ଧି କରିବାର ଅସୁସ୍ଥ ପରମ୍ପରା ବିଜେପି ସରକାର ମଧ୍ୟ ବଳବତ୍ତର ରଖିଛି।

ଗତ ନିର୍ବାଚନ ସମୟରେ ବିଜେପି ଦଳର ଆଉ ଏକ ମୁଖ୍ୟ ପ୍ରତିଶୃତି ଥିଲା, କ୍ଷମତାସୀନ ହେବାର ୩୦ଦିନ ମଧ୍ୟରେ ଚିଟ୍ଫଣ୍ଡ କେଳେଙ୍କାରୀରେ ସର୍ବସ୍ୱ ହରାଇଥିବା କ୍ଷତିଗ୍ରସ୍ତ ମାନଙ୍କୁ ସେମାନଙ୍କର ଟଙ୍କା ସୁଧ ସମେତ ଫେରାଇଦେବା। ଏଠାରେ ସୂଚନାଯୋଗ୍ୟ ଓଡିଶାର ଚିଟ୍ଫଣ୍ଡ କେଳେଙ୍କାରୀ ୨୦୦୦ ମସିହାରେ କ୍ଷମତାକୁ ଆସିଥିବା ବିଜେଡି-ବିଜେପି ମିଳିତ ସରକାର ଶାସନ କାଳରେ ହିଁ ଆରମ୍ଭ ହୋଇଥିଲା। ଏହି କେଳେଙ୍କାରୀରେ ଉଭୟ ବିଜେଡି ଓ ବିଜେପି ଦଳ ବହୁ ତୁଙ୍ଗ ନେତା ସିଧାସଳଖ ଭାବରେ ସଂପୃକ୍ତ ଥିଲେ। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି କେଳେଙ୍କାରୀର ସିବିଆଇ ତଦନ୍ତ ଆରମ୍ଭ ହେବାପରେ ଉଭୟ ଦଳର ବହୁନେତା ଗିରଫ ହୋଇ ଜେଲ ଯାଇଥିଲେ। ଗିରଫ ହୋଇଥିବା ନେତାମାନଙ୍କ ସମେତ ଦୁଇଦଳର ଅନ୍ୟ ନେତାମାନଙ୍କୁ ସୁରକ୍ଷା ଦେବା ହିଁ ବିଜେଡି ଓ ବିଜେପି ଦଳ ମଧ୍ୟରେ ଅଲିଖିତ ବୁଝାମଣା ଗଢିଉଠିବାର ଅନ୍ୟତମ ମୁଖ୍ୟ କାରଣ। ଏହି ବୁଝାମଣା ଅନୁଯାୟୀ କେନ୍ଦ୍ର ସରକାରଙ୍କର ସମସ୍ତ ଜନବିରୋଧି ନୀତିକୁ ବିଜେଡି ସମର୍ଥନ କରୁଥିଲା ଏବଂ ଚିଟ୍ଫଣ୍ଡ, ଖଣି ଦୁର୍ନୀତି ଓ ବ୍ଲାକ୍ରୋଜ ଯାହାଜ ବୁଡିଯିବା ଘଟଣାରେ ସିବିଆଇ ତଦନ୍ତ ଶିଥିଳ ହୋଇଥିଲା। ଏହାଫଳରେ ଚିଟ୍ଫଣ୍ଡ କେଳେଙ୍କାରୀରେ ସଂପୃକ୍ତ ଦୁଇ ଦଳର ନେତାମାନେ ସିବିଆଇ ହାତରୁ ରକ୍ଷା ପାଇଥିଲେ। ତେବେ ଇତିମଧ୍ୟରେ ଚିଟ୍ଫଣ୍ଡ ଦୁର୍ନୀତିରେ ବିଜେପିର ସଂପୃକ୍ତି ସଂପର୍କରେ ରାଜ୍ୟର ଜନସାଧାରଣ ଭୁଲି ଯାଇଛନ୍ତି ବୋଲି ଧରିନେଇ ବିଜେପି ଦଳ ପକ୍ଷରୁ ଏହାକୁ ଏକ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗରେ ପରିଣତ କରାଯାଇଥିଲା। ବିଜେପିର ମୁଖପତ୍ରରେ ପରିଣତ ହୋଇଥିବା ମୁଖ୍ୟଧାରାର ଟିଭି ଓ ଖବର କାଗଜମାନେ ମଧ୍ୟ ବିଜେପି ସପକ୍ଷରେ ବ୍ୟାପକ ପ୍ରଚାର ଚଳାଇଥିଲେ। ଇତି ମଧ୍ୟରେ ରାଜ୍ୟ ବିଜେପି ସରକାର କ୍ଷମତାରେ ଏକମାସ ପୂରଣ କରିଛି। ମାତ୍ର ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ କଥା ଆଉ ଶୁଣିବାକୁ ମିଳୁନାହିଁ କିମ୍ବା ଗଣମାଧ୍ୟମରେ ଏହାର ଚର୍ଚ୍ଚା ମଧ୍ୟ ହେଉନାହିଁ। ସରକାର ଓ ଗଣମାଧ୍ୟମରେ ସମସ୍ତ ଦୃଷ୍ଟି ଜଗନ୍ନାଥ ମନ୍ଦିର ଓ ରତ୍ନଭଣ୍ଡାର ଖୋଲିବା ଉପରେ ହିଁ ଆବଦ୍ଧ ହୋଇଛି।

ନିର୍ବାଚନ ସମୟରେ ବିଜେପିର ଆଉ ଏକ ଲୋଭନୀୟ ଘୋଷଣା ଥିଲା ସୁଭଦ୍ରା ଯୋଜନା। ଏହି ଯୋଜନା ଅନୁଯାୟୀ ବିଜେପି ସରକାର କ୍ଷମତାସୀନ ହେବା ସଙ୍ଗେ ସଙ୍ଗେ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦,୦୦୦ଲେଖାଏଁ ଟଙ୍କାର ଭାଉଚର ଦେବେ ବୋଲି ଘୋଷଣା କରାଯାଇଥିଲା। ମାତ୍ର ବିଜେପି ରାଜ୍ୟରେ କ୍ଷମତାସୀନ ହେବାପରେ ଏ ସଂପର୍କରେ ସରକାରୀ ଭାବରେ କୌଣସି ସୂଚନା ଦିଆଯାଉନାହିଁ। ଏହି ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ କରାଯିବ କିମ୍ବା କେଉଁ ବିଶେଷ ବର୍ଗର ମହିଳାଙ୍କୁ ସାମିଲ କରାଯିବ ସେ ବିଷୟରେ ମଧ୍ୟ କୌଣସି ସରକାରୀ ସୂଚନା ଜାରୀ କରାଯାଇନାହିଁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମ ଦିନରେ ଏହି ଯୋଜନା

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

## ରାଜ୍ୟ ବିଜେପି ସରକାର . . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ଆରମ୍ଭ ହେବ ବୋଲି କେତେକ ଖବର କାଗଜରେ କଳ୍ପନା ଜଳ୍ପନା ଚାଲିଥିଲେ ମଧ୍ୟ ଏହି ଯୋଜନା ସଂପର୍କରେ କୌଣସି ଆନୁଷ୍ଠାନିକ ସୂଚନା ନାହିଁ।

ଗତ ବିଜେଡି ସରକାର ୧୪ମାର୍ଚ୍ଚ ୨୦୨୪ରେ ଶ୍ରମିକମାନଙ୍କ ଦୈନିକ ମଜୁରୀ ବୃଦ୍ଧି ସଂକ୍ରାନ୍ତୀୟ ଯେଉଁ ରିଜୋଲ୍ୟୁସନ ଆଣିଥିଲା, ସେହି ରିଜୋଲ୍ୟୁସନ ପତ୍ରଟିକୁ ହିଁ ନୂଆ ସରକାର ସାମ୍ବାଦିକ ସମ୍ମିଳନୀରେ ପଢି ଦେଇଛନ୍ତି। ଏବଂ ଏହାକୁ ହିଁ ନୂଆ ସରକାରର ଦରିଦ୍ର ଦରଦର ପ୍ରମାଣ ବୋଲି ପ୍ରଚାର କରାଯାଉଛି। ମାତ୍ର ଏହି ବର୍ଦ୍ଧିତ ମଜୁରୀ କେବଳ ସରକାରୀ ଉଦ୍ୟୋଗରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ ପ୍ରଯୁଜ୍ୟ ବୋଲି ସେହି ରିଜୋଲ୍ୟୁସନରେ ସ୍ପଷ୍ଟ ଭାବେ ଲେଖା ଅଛି। ବର୍ତ୍ତମାନର ବିଜେପି ସରକାର ଏ ସଂପର୍କରେ କୌଣସି ସ୍ପଷ୍ଟ ଘୋଷଣା କରିନାହାନ୍ତି। ସମସ୍ତ ସଂଗଠିତ, ଅସଂଗଠିତ କ୍ଷେତ୍ରରେ ଅମାନୁଷିକ ଶୋଷଣରେ ଜର୍ଜରିତ ଶ୍ରମିକମାନଙ୍କ ଅବସ୍ଥା ଯେ ସୁଧୁରିବ, ଏହା ଆଶା କରିବା ବୃଥା, ଚରମ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ଆଇନ ଚାଲୁ କରିଥିବା କେନ୍ଦ୍ରର ବିଜେପି ଦଳର ନୀତି ଅନୁଯାୟୀ ରାଜ୍ୟରେ ଶ୍ରମନୀତି ଚାଲୁ ହେବ। ଏକଥା ବୁଝିବାରେ କୌଣସି ଅସୁବିଧା ନାହିଁ।

ଆଉ ଏକ ବିଷୟ ହେଲା, ଗତ ୧୧ ଜୁଲାଇ ୨୦୨୪ରେ ରାଜ୍ୟ ସରକାର ୬ହଜାର କୋଟି ବିନିଯୋଗରେ ୨୬ଟି ଘରୋଇ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଏହାଦ୍ୱାରା ୧୯ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଠିକ୍ ଏହିଭଳି ଘୋଷଣା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ୨୪ବର୍ଷ ଧରି କରିଛନ୍ତି। ମାତ୍ର ଏହାଦ୍ୱାରା କେତେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ସେକଥା କେହି ଜାଣନ୍ତି ନାହିଁ। ନିଯୁକ୍ତିର କଥା କହି ବର୍ତ୍ତମାନ ସରକାରଙ୍କ ତାଲିକାରେ ଥିବା ଜିନ୍ଦଲ, ମିତ୍ତଲ, ବେଦାନ୍ତ, ଟାଟା ଭଳି କମ୍ପାନୀମାନଙ୍କୁ ପ୍ରଥମେ ବିଜେଡି-ବିଜେପି ପ୍ରକଳ୍ପ ନାଁରେ ଲୋକଙ୍କର ଭିଟା ମାଟି, ଚାଷ ଜମି, ମୂଲ୍ୟବାନ ସରକାରୀ ଜମି, ଜଙ୍ଗଲ, ଖଣି, ପାଣି ଆଦି ଯୋଗାଇ ଦେଇଛନ୍ତି। ଲୋକମାନଙ୍କର ଆନ୍ଦୋଳନକୁ କମ୍ପାନୀ ସ୍ୱାର୍ଥରେ ନୃଶଂସଭାବେ ଦମନ କରିଛନ୍ତି। ଯାଜପୁର ଜିଲ୍ଲାର କଳିଙ୍ଗନଗର ବର୍ବର ଗଣହତ୍ୟା ତା'ର ଏକ ନମୁନା। ଲୋକେ ସର୍ବସ୍ୱାନ୍ତ ହୋଇଛନ୍ତି। ଧୂଳି ଧୂଆଁ, ଅସ୍ୱାଭାବିକ ତାତି, ପରିବେଶ ପ୍ରଦୂଷଣ ଯୋଗୁ ନାନା ରୋଗ ବ୍ୟାଧିରେ ହନ୍ତସନ୍ତ ହୋଇଛନ୍ତି। କମ୍ପାନୀ କାରଖାନା କରି ଲାଭ ଲୁଟୁଛି, ହେଲେ କେତେ ନିଯୁକ୍ତି ମିଳୁଛି ? ବିଜେପି ଦଳର କମ୍ପାନୀ ପ୍ରୀତି ମଧ୍ୟ କାହାରିକୁ ଅଛପା ନୁହେଁ। ଯଦି ରାଜ୍ୟ ସରକାର ଲୋକମାନଙ୍କୁ ନିଯୁକ୍ତି ଦେବା ପାଇଁ ଚାହାଁନ୍ତି, ତେବେ ଶ୍ରମ ଭିତ୍ତିକ ସରକାରୀ ଶିଳ୍ପ ପ୍ରତିଷ୍ଠା କରିବା, ବନ୍ଦ ହୋଇପଡିଥିବା କାରଖାନାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ପଦକ୍ଷେପ ନେବା କଥା। କାହିଁକି ପୂର୍ବ ସରକାର ଭଳି ଏ ସରକାର ମଧ୍ୟ ଏ ବିଷୟରେ କିଛି କହୁ ନାହାନ୍ତି ତାହା ଜନସାଧାରଣ ଭାବିବା ଆବଶ୍ୟକ।

କେବଳ ଏତିକି ନୁହେଁ ଠିକ୍ ୨୦୧୪ ମସିହାରେ ମୋଦିଙ୍କ ପ୍ରତିଶୃତି ଭଳି ଗତ ନିର୍ବାଚନର ବିଜେପି ଦଳ ପକ୍ଷରୁ ପ୍ରତିଶୃତିର ବନ୍ୟା ବୁହାଇ ଦିଆଯାଇଥିଲା। ଉପରୋକ୍ତ ପ୍ରତିଶୃତି ସମେତ ୬୦ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ମାସକୁ ୩୦୦୦ଟଙ୍କାକୁ ବୃଦ୍ଧି କରିବା ଏବଂ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଉପରେ ଆଦାୟ କରୁଥିବା ଭାଟ ହ୍ରାସକରି ରାଜ୍ୟବାସୀଙ୍କ ପାଇଁ ପେଟ୍ରୋଲ ଡିଜେଲ ସୁଲଭ ମୂଲ୍ୟରେ ଯୋଗାଇ ଦେବାପାଇଁ ମଧ୍ୟ ବିଜେପି ଦଳ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା। ଏସବୁ ବ୍ୟତୀତ ବିଜେପି ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଶୃତି ଥିଲା ରାଜ୍ୟବାସୀଙ୍କୁ ୩୦୦ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ କରିବା। ସୂଚନାଯୋଗ୍ୟ କ୍ରମବର୍ଦ୍ଧମାନ ବିଦ୍ୟୁତ ଶୁଳ୍କ ବୃଦ୍ଧି, ଅଗ୍ରୀମ ବିଦ୍ୟୁତ ଶୁଳ୍କ ଆଦାୟ ପାଇଁ ସ୍ମାର୍ଟ ମିଟର ଲଗାଇବା ଓ ବିଦ୍ୟୁତ ଗ୍ରାହକମାନଙ୍କ ଉପରେ ଟାଟା କମ୍ପାନୀର ଅତ୍ୟାଚାର ପରିପ୍ରେକ୍ଷୀରେ ଘରୋଇ କମ୍ପାନୀକୁ ବିଜୁଳି କ୍ଷେତ୍ରରୁ ହଟାଇବା ଓ ସୁଲଭ ମୂଲ୍ୟରେ ବିଦ୍ୟୁତ ଶକ୍ତି ଯୋଗାଇବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହି ପରିପ୍ରେକ୍ଷିରେ ୬ଷ୍ଠ ଥର ପାଇଁ ନିର୍ବାଚିତ ହୋଇ ସରକାର ଗଠନ କଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ଶୁଳ୍କ ଛାଡ କରିବ ବୋଲି ବିଜେଡି ଦଳ ପ୍ରତିଶୃତି ଦେଇଥିଲା। ବିଜେଡି ସହିତ ପ୍ରତିଯୋଗିତା କରି ବିଜେପି ଦଳ କ୍ଷମତାକୁ ଆସିଲେ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ କରିବ ବୋଲି ଘୋଷଣା କରିଥିଲା। ମାତ୍ର କ୍ଷମତାକୁ ଆସିବାର ଏକ ମାସ ବିତିଯାଇଥିଲେ ମଧ୍ୟ ସରକାର ଏ ବାବଦରେ ନିରବ।

ନୂଆ ସରକାରଙ୍କ ଆଉ ଏକ ବଡ କାମ ହେଲା ରଙ୍ଗ ବଦଳାଇବା, ନୂଆ ନାମ କରଣ କରିବା। ଜନସାଧାରଣଙ୍କ ଅର୍ଥକୁ ପାଣି ଭଳି ଖର୍ଚ୍ଚ କରି ପୂର୍ବର ବିଜେଡି ସରକାର ନିଜର ସଂକୀର୍ଣ୍ଣ ଦଳୀୟ ସ୍ୱାର୍ଥରେ ସବୁ କିଛିକୁ ସାଗୁଆ ରଙ୍ଗ କରିଥିଲେ। ବର୍ତ୍ତମାନର ସରକାର ମଧ୍ୟ ସେହିଭଳି ଲକ୍ଷ୍ମୀ ବସକୁ ମୁଖ୍ୟମନ୍ତ୍ରୀ ବସର ନାମ ଦେବା ସହ ସମସ୍ତ ସରକାରୀ ଭବନ, ସ୍କୁଲ କଲେଜର ରଙ୍ଗ ସାଗୁଆରୁ ଗେରୁଆ କରିବା ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି। ଏ ହେଉଛି ଏମାନଙ୍କର ଚରିତ୍ର, ଏହା ହିଁ ହେଉଛି ନୂତନତ୍ୱ।

ସଂକ୍ଷେପରେ ଏ ହେଉଛି ନୂଆ ସରକାରଙ୍କର ଏକ ମାସର ରିପୋର୍ଟ କାର୍ଡ। ଆମ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସର୍ବଦା କହିଆସିଛି, ନିର୍ବାଚନ ମାଧ୍ୟମରେ ସରକାର ପରିବର୍ତ୍ତନ ହୋଇପାରେ, କିନ୍ତୁ ସାଧାରଣ ଜନତାଙ୍କର ଦୁଃଖ ଦୁର୍ଦ୍ଦଶା ଘୁଞ୍ଚିବ ନାହିଁ, ସେମାନଙ୍କର ମୌଳିକ ସମସ୍ୟାର ସମାଧାନ ହେବ ନାହିଁ। ଦେଶର ପ୍ରକୃତ ଶାସକ ପୁଞ୍ଜିପତି ଶ୍ରେଣୀ ହାତରେ ହିଁ ଶାସନର ଡୋରି। ସେମାନଙ୍କର ସେବାଦାସ ବିଜେପି-ବିଜେଡି-କଂଗ୍ରେସ ଭଳି ଦଳମାନେ ସେମାନଙ୍କର ମୁନିବ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ହିଁ କାମ କରୁଛନ୍ତି ଏବଂ କରିବେ।

ତେଣୁ ସମସ୍ୟାର ସମାଧାନ ପାଇଁ ସଚେତନ ସଂଗଠିତ ଐକ୍ୟବଦ୍ଧ ଧାରାବାହିକ ଶକ୍ତିଶାଳୀ ଗଣଆନ୍ଦୋଳନରେ ଶୋଷିତ ମଣିଷଙ୍କ ବ୍ୟାପକ ସକ୍ରିୟ ସହଭାଗିତା ପ୍ରୟୋଜନ।

★★★

## ଟେଲିକମ୍ ଆଇନ-୨୦୨୩ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଜୁନ ୨୬ତାରିଖରୁ ଆଇନର କେତେକ ଧାରା କାର୍ଯ୍ୟକାରୀ ହୋଇଛି। କାର୍ଯ୍ୟକାରୀ ହୋଇଥିବା ଏହି ଧାରାଗୁଡିକ ବଳରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେକୌଣସି ବ୍ୟକ୍ତି ଯେକୌଣସି ଅନଲାଇନ ପ୍ଲାଟଫର୍ମକୁ ବ୍ୟବହାର କରି ପ୍ରେରଣ କରୁଥିବା ଯେକୌଣସି ଖବର(Message)କୁ ଅଟକାଇ ଦେଇପାରିବେ। ଏହାବ୍ୟତୀତ ଆପାତ ସ୍ଥିତିରେ ସର୍ବସାଧାରଣ ଆଇନ ଶୃଙ୍ଖଳା (Public Order)କୁ ସୁରକ୍ଷିତ ରଖିବା ଆଳରେ ସରକାର ସମଗ୍ର ଦେଶର ଟେଲିକମ୍ ନେଟୱାର୍କ ଉପରେ ଅସ୍ଥାୟୀ ନିୟନ୍ତ୍ରଣ ଜାରୀ କରିପାରିବେ। ଉଲ୍ଲେଖ ଯୋଗ୍ୟ ଆପାତ ସ୍ଥିତି ଓ ସର୍ବସାଧାରଣ ଆଇନ ଶୃଙ୍ଖଳାର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ଏହି ଆଇନରେ ନାହିଁ। ଏହାର ସିଧାସଳଖ ଅର୍ଥ ହେଉଛି ସରକାର ଯେକୌଣସି ପରିସ୍ଥିତିକୁ ଆପାତ ସ୍ଥିତି ବୋଲି ଘୋଷଣା କରି ଏବଂ ଯେକୌଣସି ପଦକ୍ଷେପକୁ ପବ୍ଲିକ୍ ଅର୍ଡର ରକ୍ଷା କରିବାପାଇଁ ଆବଶ୍ୟକ ବୋଲି ପ୍ରଚାର କରି ସମଗ୍ର ଟେଲିକମ୍ ନେଟ୍‌ୱାର୍କକୁ ନିଜ ଅଧିନକୁ ନେଇ ପାରିବେ ଏବଂ ଯେକୌଣସି ବ୍ୟକ୍ତି ପ୍ରେରଣ କରୁଥିବା ସଂବାଦ(Message)କୁ ଖୋଲି ପଢି ପାରିବେ(Intercept)। ସରକାର ଏହାକୁ ଅଦାଲତରେ ପ୍ରମାଣ ଭାବରେ ଉପସ୍ଥାପନ କରିପାରିବେ। ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଆଇନ ପ୍ରଣୟନକରି ସରକାର ପବ୍ଲିକ୍ ଅର୍ଡରର ସୁରକ୍ଷା କରିବା ଆଳରେ ନାଗରିକର ନିଜତାର ଅଧିକାର(Right to Privacy) ଓ କଥା କହିବାର ଅଧିକାର(Right to free Speech) ଭଳି ମୌଳିକ ଅଧିକାରକୁ ସଂପୂର୍ଣ୍ଣ ଧ୍ୱଂସ କରିବାର ବ୍ୟବସ୍ଥା କରିଛନ୍ତି। କେବଳ ସେତିକି ନୁହେଁ, ଇଣ୍ଟରନେଟ ଫ୍ରିଡମ ଫାଉଣ୍ଡେସନ (Internet Freedom Foundation) ଅନୁଯାୟୀ ସରକାର ଅନଲାଇନ କମ୍ୟୁନିକେସନ ସର୍ଭିସ ଉପରେ ମଧ୍ୟ ନିୟନ୍ତ୍ରଣ ଜାରୀ କରିବାକୁ ଯାଉଛନ୍ତି। ଏହଫଳରେ ସିଗନାଲ, ସ୍କାଇପ, ଜୁମ୍ ଓ ଜିମେଲ ଭଳି ଡିଜିଟାଲ ପ୍ଲାଟ୍‌ଫର୍ମ ମଧ୍ୟ ସରକାରୀ ନଜରରେ ରହିବ। ଏହା ଆହୁରି ମାରାତ୍ମକ ପରିସ୍ଥିତି ସୃଷ୍ଟି କରିବ।

ସାଧାରଣତଃ ପୂର୍ବରୁ ଟିଭି ଓ ରେଡିଓ ଭଳି ସାର୍ବଜନୀନ ଓ ବ୍ରୋଡକାଷ୍ଟିଂ (Broadcasting) ସେବା ଉପରେ ଏହି ଧରଣର ନିୟନ୍ତ୍ରଣ ରହୁଥିଲା। ମାତ୍ର ବର୍ତ୍ତମାନ ଜିମେଲ ଠାରୁ ଆରମ୍ଭକରି ଜୁମ୍ ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରେ ଏହା ଲାଗୁ ହେବ। ଅର୍ଥାତ୍ ଯେକୌଣସି ମାଧ୍ୟମରେ ଟେଲି ଯୋଗାଯୋଗ ଜରିଆରେ ପଠାଯାଉଥିବା ଖବରକୁ ସରକାର ମଝିରୁ ଅଟକାଇ ପାରିବେ, ପଢିପାରିବେ, ସଂପୃକ୍ତ ବ୍ୟକ୍ତି ବିରୁଦ୍ଧରେ ବ୍ୟବହାର କରିପାରିବେ। ଯେକୌଣସି ଟେକ୍ସଟ୍, ଫଟୋ, ଧ୍ୱନୀ ବା ସଂକେତ(Symbol)କୁ ମଧ୍ୟ ସରକାର ପ୍ରେରଣ କରୁଥିବା ଏବଂ ପାଇବାକୁ ଥିବା ବ୍ୟକ୍ତି ବିରୁଦ୍ଧରେ ଆଇନ ସମ୍ମତ ଭାବରେ ବ୍ୟବହାର କରିପାରିବେ। ହ୍ୱାଟ୍‌ସ୍‌ଆପ, ସିଗ୍‌ନାଲ, ଟେଲିଗ୍ରାମ ଭଳି ଇଣ୍ଟରନେଟ ଭିତ୍ତିକ ଖବର ପ୍ରେରଣ ସେବା ପ୍ରଦାନକାରୀ(Internet Based Service Provider) ମଧ୍ୟ ଏହି ଆଇନର ପରିଧିକୁ ଆସିଛି।

ଏକଥା ସମସ୍ତେ ଜାଣନ୍ତି ଯେ, ୨୦୧୪ ମସିହାରେ ମୋଦିଙ୍କ ନେତୃତ୍ୱରେ ବିଜେପି କେନ୍ଦ୍ରରେ କ୍ଷମତାସୀନ ହେବାପରେ ଏକଚାଟିଆ ପୁଞ୍ଜିପତିମାନଙ୍କ ମାଲିକାନାଧିନ ମୁଖ୍ୟଧାରାର ଗଣମାଧ୍ୟମ ସରକାରୀ ମୁଖପତ୍ରରେ ପରିଣତ ହୋଇଛି। ଏହି ସମୟ କାଳରେ ୟୁଟ୍ୟୁବ୍ ସମେତ ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମକୁ ବ୍ୟବହାର କରି ବହୁ ସ୍ୱାଧୀନଚେତା ସାମ୍ବାଦିକ ଜନସାଧାରଣଙ୍କ ସମସ୍ୟା ଉ□ାପନ କରୁଛନ୍ତି ଏବଂ ଜନସାଧାରଣଙ୍କ ସମ୍ମୁଖରେ ସରକାରଙ୍କର ବିଭିନ୍ନ ଜନବିରୋଧୀ ପଦକ୍ଷେପ ଓ ନୀତିଗୁଡିକୁ ଟୋଳି ଧରୁଛନ୍ତି। ସମୟକ୍ରମେ ଏହା ଏକ ଶକ୍ତିଶାଳୀ ବିକଳ୍ପ ଓ ସମାନ୍ତରାଳ ଗଣମାଧ୍ୟମ ଭାବରେ ଆତ୍ମପ୍ରକାଶ କରିଛି। ଗତ ସାଧାରଣ ନିର୍ବାଚନରେ ଜନମତକୁ ପ୍ରଭାବିତ କରିବା କ୍ଷେତ୍ରରେ ଏହି ସମାନ୍ତରାଳ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଛି। ପରିସ୍ଥିତି ଏଭଳି ହୋଇଛି ଯେ ସ୍ୱୟଂ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ଯୋଗଦେବା(Subscribe) ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହାର ଗୁରୁତ୍ୱ ଦୃଷ୍ଟିରୁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ବିଜେପି ସମର୍ଥିତ ୟୁଟ୍ୟୁବରମାନଙ୍କର ଏକ ସଭାର ଆୟୋଜନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କର ଏହି ଧରଣର ପଦକ୍ଷେପ ସମାନ୍ତରାଳ ଗଣମାଧ୍ୟମର କ୍ରମବର୍ଦ୍ଧମାନ ପ୍ରଭାବ ସଂପର୍କରେ ସୂଚନା ଦେଉଛି। ସ୍ୱାଭାବିକ ଭାବରେ ସରକାର ବିରୋଧୀ ଏହି ବିକଳ୍ପ ଗଣମାଧ୍ୟମ ସରକାରଙ୍କ ରୋଷ ଚକ୍ଷୁର ଶୀକାର ହୋଇଛି। ସରକାରୀ ହିସାବ ଅନୁଯାୟୀ ୨୦୨୧ରୁ ୨୦୨୪ ମସିହା ମଧ୍ୟରେ କେନ୍ଦ୍ର ସରକାର ୧୨୨ଟି ୟୁଟ୍ୟୁବ ଚ୍ୟାନେଲକୁ କପୋଳକଳ୍ପିତ ଅଭିଯୋଗରେ ବନ୍ଦ କରିଦେଇଛନ୍ତି। ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିରେ ସରକାରଙ୍କୁ ବିରୋଧକରି ଗିରଫ ହୋଇଥିବା ବରିଷ୍ଠ ସାମ୍ବାଦିକ ତଥା ନ୍ୟୁଜକ୍ଲିକ ୟୁଟ୍ୟୁବ ଚ୍ୟାନେଲର ସଂପାଦକ ପ୍ରବୀର ପୁରକାୟସ୍ଥଙ୍କ ସମେତ ବହୁ ୟୁଟ୍ୟୁବ ସାମ୍ବାଦିକଙ୍କୁ ମାରାତ୍ମକ ଦଫାରେ ଗିରଫ କରାଯାଇଛି। ବର୍ତ୍ତମାନ କାର୍ଯ୍ୟକାରୀ ହୋଇଥିବା ଟେଲିକମ୍ ଆଇନ-୨୦୨୩ ବଳରେ ସରକାର ଯେକୌଣସି ମୁହୂର୍ତ୍ତରେ ଯେକୌଣସି ୟୁଟ୍ୟୁବ ଚ୍ୟାନେଲକୁ ବନ୍ଦ କରିଦେଇପାରିବେ। ଏଥିପାଇଁ ଆଉ କୌଣସି ଆଇନଗତ ବାଧା ରହିବ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ମିଥ୍ୟା ସଂବାଦର କାରଖାନା ଖୋଲିଥିବା ଏବଂ ଦିନରାତି ମିଛିଖବର ନିଜର ଆଇଟି ସେଲ(IT Cell) ଜରିଆରେ ପ୍ରଚାର କରୁଥିବା କେନ୍ଦ୍ର ବିଜେପି ସରକାର ସାମାଜିକ ଗଣମାଧ୍ୟମରେ ମିଥ୍ୟା ସଂବାଦ(Fake News) ପ୍ରଚାର ରୋକିବା ଆଳରେ ୨୦୨୦ ମସିହାରେ ସୂଚନା ପ୍ରଯୁକ୍ତି ନିୟମାବଳୀ(IT Rules)ରେ କେତେକ ପରିବର୍ତ୍ତନ କରିଥିଲେ। ଏହି ସଂଶୋଧନ ବଳରେ କେନ୍ଦ୍ର ବିଜେପି ସରକାର ସରକାରୀ ଅଧିକାରୀମାନଙ୍କୁ ନେଇ ଏକ ତଥ୍ୟ ଯାଂଚକାରୀ ସଂସ୍ଥା ଗଠନ କରିଥିଲେ। ସରକାର ଯାହା ପ୍ରଚାର କଲେ ମଧ୍ୟ ଆଇଟି ନିୟମାବଳୀରେ ସଂଶୋଧନ ଓ ଏହି ସଂସ୍ଥା ଗଠନର ପ୍ରକୃତ ଉଦ୍ଦେଶ୍ୟ ଥିଲା ବିଭିନ୍ନ ଡିଜିଟାଲ ପ୍ଲାଟଫର୍ମରେ ପ୍ରସାରିତ ହେଉଥିବା ସଂବାଦ ଓ ସାଂବାଦିକମାନଙ୍କ ଉପରେ ନିୟନ୍ତ୍ରଣ ଜାରୀ କରିବା। ମାତ୍ର ୨୦୨୧ ମସିହା ମାର୍ଚ୍ଚ ମାସରେ ସୁପ୍ରିମକୋର୍ଟ ସରକାରଙ୍କ ଦ୍ୱାରା କରାଯାଇଥିବା ଏହି ସଂଶୋଧନ ଉପରେ ରହିତାଦେଶ ଜାରୀକରିବା ପରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରିନଥିଲା। କେବଳ ସେତିକି ନୁହେଁ, କୁଟ୍ଟା ସ୍ୱାମୀ ବନାମ ଭାରତ ସରକାର ମାମଲାରେ ସୁପ୍ରିମ କୋର୍ଟ ନିଜତାର ଅଧିକାର(Right to Privacy)କୁ ବଂଚିବାର ଅଧିକାର(Right to Life) ସମତୁଲ୍ୟ ମୌଳିକ ଅଧିକାର ବୋଲି ରାୟ ଦେଇଥିଲେ। ଏହି ରାୟଫଳରେ ବିଭିନ୍ନ ଆଳରେ ସରକାର ବିରୋଧି ରାଜନୈତିକ କର୍ମୀ ସାମାଜିକ କର୍ମୀ, ମାନବାଧିକାର କର୍ମୀ ତଥା ନିରପେକ୍ଷ ସାମ୍ବାଦିକ, ସଂବାଦ ସଂସ୍ଥା ଓ ସଂବାଦ ପରିବେଷଣକାରୀ ମାନଙ୍କୁ ଜବତ କରିବା ସରକାରଙ୍କ ପକ୍ଷରେ ଅସୁବିଧା ଜନକ ହେଉଥିଲା।

ଏହି ପୃଷ୍ଠଭୂମିରେ ହିଁ କେନ୍ଦ୍ର ସରକାର ସଂସଦରେ ସମଗ୍ର ବିରୋଧୀ ଦଳର ଅନୁପସ୍ଥିତିରେ

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

# ଏୟାରଟେଲ ଟେକ୍ନିସିଆନ ୟୁନିଅନ ପକ୍ଷରୁ ସଭା




ବିପ୍ଳବୀ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏଆଇୟୁଟିୟୁସି ସହିତ ସହବନ୍ଧିତ ଏୟାରଟେଲ ଟେକ୍ନିସିଆନ ୟୁନିୟନର ଭୁବନେଶ୍ୱର ଜୋନର ବୈଠକ ନିମାପଡ଼ାର ରଟିଲୋ ଓ ବ୍ରହ୍ମପୁର ଜୋନର ବୈଠକ ନୟାଗଡ଼ର ଇଟାମାଟି ଠାରେ ଜୁଲାଇ ୧ ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ୪ ମାସ ଧରି ଟେକ୍ନିସିଆନ୍ ମାନେ କମ୍ପାନୀ ଦ୍ୱାରା ନିଯୁକ୍ତ କଣ୍ଟ୍ରାକ୍ଟର ହଟାଇବା ଦାବିରେ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କର ନ୍ୟାୟସଙ୍ଗତ ଦାବି ପୂରଣ କରୁନଥିବାରୁ ବୈଠକରେ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା ଏବଂ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକ ମାନଙ୍କରେ ୟୁନିୟନର ରାଜ୍ୟ ସମ୍ପାଦକ ବୁଗୁରୁ ତ୍ରିନାଥ , ଭୁବନେଶ୍ୱର ଜୋନ ସଭାପତି ଯଶୋବନ୍ତ ଦଳାଇ, ବ୍ରହ୍ମପୁର ଜୋନ ସଭାପତି ମହେଶ ପ୍ରଧାନ, ରାଜ୍ୟ ସହସଂପାଦକ ନିରଞ୍ଜନ ପଣ୍ଡା ଓ ମନୋଜ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମୟୁରଭଞ୍ଜ ଜିଲ୍ଲା ସୁକୁଲିଠାରେ ବିର୍ଶା ମୁଣ୍ଡାଙ୍କ ୧୨୪ତମ ଶହୀଦ ଦିବସ ପାଳିତ




ଭାରତବର୍ଷର ବ୍ରିଟିଶ ବିରୋଧି ଆନ୍ଦୋଳନର ମହାନ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୨୪ ତମ ଶହୀଦ ଦିବସ ଶୁକ୍ରୁଳି ବ୍ଲକର ହାତୀବନ୍ଧା ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଶୁକ୍ରୁଳି ବ୍ଲକର ହାତୀବନ୍ଧା ବିଦ୍ୟାଳୟ ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା । ଗ୍ରାମର ଯୁବ ନେତା ମନୋରଞ୍ଜନ ତିରିଆଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତା, ଗ୍ରାମର ବିଶିଷ୍ଟ ବ୍ୟକ୍ତି ରାହୁଲ ତିରିଆ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ୍ ମନୋଜ ମହାନ୍ତ, ଦୁଲାଲ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ । ବକ୍ତାମାନେ ବିର୍ଶା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନର ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ତାଙ୍କର ଶିକ୍ଷାରେ ଶିକ୍ଷିତ ହୋଇ ଆଜିର ସାମାଜିକ ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ । ସଭା ଶେଷରେ ବିର୍ଶାଙ୍କ ଉପରେ ରଚିତ ମୁଣ୍ଡାରୀ ସଙ୍ଗୀତ ଗାନ କରାଯାଇଥିଲା ।

# ରାଉରକେଲା ଠାରେ ବିର୍ଶା ମୁଣ୍ଡାଙ୍କ ଶହୀଦ ଦିବସ ପାଳିତ

ଏଆଇଡିୱାଇଓ, ଏଆଇଡିଏସ୍‌ଓ, ଏଆଇଏମଏସ୍‌ଏସ୍, ରାଉରକେଲା କମିଟି ତରଫରୁ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ମହାନ ଯୋଦ୍ଧା ବିର୍ଶା ମୁଣ୍ଡାଙ୍କ ୧୨୪ ତମ ଶହୀଦ ଦିବସ ରାଉରକେଲା ବିଶ୍ରା ଛକ ସ୍ଥିତ ବିର୍ଶା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ଜୁନ ୯ ତାରିଖରେ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ଼ ଜିଲ୍ଲା କମିଟି ସମ୍ପାଦକ ଅଜିତ ନାୟକ ଯୋଗଦେଇଥିଲେ। ବିର୍ଶା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିର୍ଶା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଡିୱାଇଓର ଜିଲ୍ଲା ସମ୍ପାଦକ କମ୍ରେଡ୍ ଶେଖ ଇସଲାମ, ଆଲୋକ ବେହେରା, ଧୋବେଇ ବେହେରା, ବିଜୟ ସାହୁ, ଏଆଇଡିଏସ୍‌ଓର କମ୍ରେଡ୍ ବିରେନ ନାଏକ, ଏଆଇଏମଏସ୍‌ଏସ୍‌ର




କମ୍ରେଡ୍ ବିଦ୍ୟୁତ ମହାନ୍ତ, ଅସୀମା ବେହେରା ପ୍ରମୁଖଙ୍କ ସହିତ ବହୁ ବୁଦ୍ଧିଜୀବୀ ଯୋଗଦେଇ ବିର୍ଶା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# କେନ୍ଦ୍ର ବିଜେପି ସରକାରର ସହାୟତାରେ ପେଟ୍ରୋଲ ଡିଜେଲର ଅହେତୁକ ଦରବୃଦ୍ଧିକରି ତେଲ କମ୍ପାନୀମାନେ ସାଧାରଣ ଖାଉଟିଙ୍କୁ ବର୍ଷ ବର୍ଷ ଧରି ଶୋଷଣ କରିଚାଲିଛନ୍ତି।

ପରିବହନର ମୁଖ୍ୟ ଜାଳେଣୀ ଭାବରେ ବ୍ୟବହୃତ ହେଉଥିବା ପେଟ୍ରୋଲ ଓ ଡିଜେଲର ଦର ସିଧାସଳଖ ଓ ପ୍ରକାରାନ୍ତରେ ସାଧାରଣ ଲୋକଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରେ। ମାତ୍ର ଏହି ଗୁରୁତ୍ୱପୂର୍ଣ୍ଣ ଜାଳେଣୀକୁ ନେଇ ସରକାରୀ ଓ ଘରୋଇ ତେଲ କମ୍ପାନୀମାନେ କ'ଣ କରୁଛନ୍ତି ? ସରକାରଙ୍କ ଖୋଲାଖୋଲି ସହାୟତାରେ ଏହି କମ୍ପାନୀମାନେ ଦେଶର ଜନସାଧାରଣଙ୍କୁ ବର୍ଷ ବର୍ଷ ଧରି ଅବାଧ ଲୁଟ୍ ଚଳାଇଛନ୍ତି।

୨୦୨୩-୨୪ ଆର୍ଥିକ ବର୍ଷରେ ଦେଶର ୩ଟି ରାଷ୍ଟ୍ରାୟତ୍ତ ସଂସ୍ଥା–ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କମ୍ପାନୀମାନଙ୍କର ମିଳିତ ମୁନାଫା ପହଂଚିଛି ୯୧ ହଜାର କୋଟି ଟଙ୍କାରେ। ଏହି ସମୟରେ ବେସରକାରୀ କମ୍ପାନୀଗୁଡିକ ଆହୁରି ଅଧିକ ମୁନାଫା କରିଛନ୍ତି। ବାସ୍ତବରେ ଏହି ମୁନାଫା ନଜିର ବିହୀନ। ଆନ୍ତର୍ଜାତୀୟ ବଜାରରେ କଂଚା ତେଲର ଦାମ ଖୁବ୍ କମ୍ ରହିବା ଯୋଗୁ ତେଲ କମ୍ପାନୀମାନେ ଏହି ଧରଣର ବିପୁଳ ମୁନାଫା ଅର୍ଜନ କରିଛନ୍ତି। ସ୍ୱାଭାବିକ ଭାବରେ ଦେଶର ସାଧାରଣ ଖାଉଟିଙ୍କୁ ଯଥେଷ୍ଟ କମ୍ ଦାମରେ ପେଟ୍ରୋଲ ଓ ଡିଜେଲ ଯୋଗାଇବାପାଇଁ ଦେଶବ୍ୟାପୀ ଦାବି କରାଯାଉଛି। ପେଟ୍ରୋଲ ଡିଜେଲର ଦାମ ହ୍ରାସ ପାଇଲେ ସ୍ୱାଭାବିକ ଭାବରେ ପରିବହନ ଖର୍ଚ୍ଚ ହ୍ରାସ ପାଇବ ଏବଂ ଏହାଦ୍ୱାରା ସମସ୍ତ ପ୍ରକାର ଖାଉଟି ସାମଗ୍ରୀର ଦର ହ୍ରାସ ପାଇବ। ଦରବୃଦ୍ଧି ଫଳରେ ହାହାକାର କରୁଥିବା ସାଧାରଣ ଲୋକ ଟିକିଏ ନିଃଶ୍ୱାସ ମାରିପାରିବେ। ଏହାଛଡା ଜାଳେଣୀର ଦାମ୍ କମ୍ ହେଲେ କୃଷିକାର୍ଯ୍ୟପାଇଁ ଖର୍ଚ୍ଚ ହ୍ରାସ ପାଇବ ଓ ଚାଷୀ ହାତରେ ଦୁଇ ପଇସା ରହିବ।

ମାତ୍ର ବହୁ ପୂର୍ବରୁ ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲର ଦର ବୃଦ୍ଧି ଆଳରେ ତେଲ କମ୍ପାନୀମାନେ ପେଟ୍ରୋଲ ଓ ଡିଜେଲର ଅହେତୁକ ମୂଲ୍ୟବୃଦ୍ଧି ଘଟାଇଥିଲେ, ଯାହା ଆଜିବି ଜାରୀ ରହିଛି। କହିବା ବାହୁଲ୍ୟ ସେହି ସମୟରେ ମଧ୍ୟ ଏହି ଧରଣର ଦରବୃଦ୍ଧି ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନଥିଲା। ମାତ୍ର ଏବେ ମଧ୍ୟ ପେଟ୍ରୋଲ, ଡିଜେଲର ଚଢା ଦର ଅପରିବର୍ତ୍ତିତ ରହିଛି। ଆଜିବି ପେଟ୍ରୋଲ ଲିଟର ପିଛା ୧୦୦ଟଙ୍କାରୁ ଅଧିକ ଓ ଡିଜେଲ ଲିଟର ପିଛା ୯୦ଟଙ୍କାରୁ ଅଧିକ। ଦୀର୍ଘ ବହୁ ବର୍ଷ ଧରି ଆନ୍ତର୍ଜାତୀୟ ବଜାରରେ କଂଚା ତେଲର ଦାମ ଯଥେଷ୍ଟ କମ୍ ରହିଥିଲେ ମଧ୍ୟ ତେଲ କମ୍ପାନୀମାନେ ଚଢା ଦାମରେ ତେଲ ବିକ୍ରିକରି ସୀମାହୀନ ମୁନାଫା ଲୁଟ କରୁଛନ୍ତି। ଉଲ୍ଲେଖଯୋଗ୍ୟ ପ୍ରଥମେ କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ ଉପା ସରକାର ଶାସନ କାଳରେ ପେଟ୍ରୋଲ ଓ ପରବର୍ତ୍ତୀ ସମୟରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ବିଜେପି ସରକାରର ଶାସନ କାଳରେ ଡିଜେଲ ଦରକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରାଯିବା ବେଳେ ଆନ୍ତର୍ଜାତୀୟ ବଜାରରେ କଂଚା ତେଲ ଦର ହ୍ରାସ ପାଇଲେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର କମିବ ବୋଲି ସରକାର ଘୋଷଣା କରିଥିଲେ। ମାତ୍ର ବର୍ଷ ବର୍ଷ ଧରି ଆନ୍ତର୍ଜାତୀୟ ବଜାରରେ ତେଲ ଦର ଖୁବ୍ କମ ରହିଥିଲେ ମଧ୍ୟ କମ ଦରରେ ପେଟ୍ରୋଲ ଡିଜେଲ ଖରିଦ କରିବାର ସୁଯୋଗରୁ ସାଧାରଣ ଲୋକଙ୍କୁ ସରକାର ବଂଚିତ କରୁଛନ୍ତି।

ଉପରେ ସାଧାରଣ ଭାବରେ ଆନ୍ତର୍ଜାତୀୟ ବଜାରରେ କଂଚା ତେଲ ଦର ହ୍ରାସ ପାଇବା ବିଷୟ ଆଲୋଚନା କରାଗଲା। ଏହାବ୍ୟତୀତ ଏହି ପ୍ରସଙ୍ଗରେ ଆଉଏକ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି। ଋଷ ୟୁକ୍ରେନ ଯୁଦ୍ଧ ପରଠାରୁ ଋଷିଆରୁ ପାଣି ଦରରେ ମିଳୁଥିବା କଂଚା ତେଲ ପ୍ରସଙ୍ଗଟି ଏଠାରେ ଉଲ୍ଲେଖ କରାଯିବାର ଆବଶ୍ୟକତା ରହଛି। ୨୦୨୨ ଫେବୃୟାରୀ ମାସରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ହିଁ ଆମେରିକା ସମେତ ସମସ୍ତ ୟୁରୋପୀୟ ଦେଶ ଋଷିଆ ଉପରେ ଅର୍ଥନୈତିକ ବାସନ୍ଦ ଲାଗୁ କରିଛନ୍ତି। ନାଟୋ ସାମରିକ ମେଣ୍ଟ ଅନ୍ତର୍ଭୁକ୍ତ କୌଣସି ଦେଶ ଋଷିଆରୁ ଅନ୍ୟାନ୍ୟ ସାମଗ୍ରୀ ସମେତ କଂଚା ତେଲ ଆମଦାନୀ କରୁନାହାନ୍ତି। ମାତ୍ର ତେଲ ରପ୍ତାନୀ ଲବ୍ଧ ଅର୍ଥ ଋଷିଆର

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଟେଲିକମ୍ ଆଇନ୍-୨୦୨୩ ...

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ବିନା ଆଲୋଚନାରେ ମାରାତ୍ମକ ଟେଲିକମ୍ ଆଇନ-୨୦୨୩ ପ୍ରଣୟନ ଓ କାର୍ଯ୍ୟକାରୀ କରିଛନ୍ତି। ଏକା ସାଙ୍ଗରେ ଓ ସମାନ ଉପାୟରେ ପ୍ରଣୀତ ହୋଇଥିବା ତିନିଟି ନୂଆ ଅପରାଧିକ ଆଇନ(Criminal Laws) ଓ ପୋଷ୍ଟ ଅଫିସ ଆଇନ ସହିତ ଏହି ଟେଲିକମ୍ ଆଇନକୁ ବିଚାରକୁ ନେଲେ ଭାରତକୁ ଯେ ଆଇନ ସମ୍ମତ ଭାବରେ ଏକ ଘୋଷିତ ପୁଲିସ ରାଷ୍ଟ୍ରରେ ପରିଣତ କରାଯାଇଛି, ସେଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଏହାପୂର୍ବରୁ ପ୍ରଣୀତ ହୋଇଥିବା ୟୁଏପିଏ ଓ ମନିଲଣ୍ଡରିଂ ଭଳି ମାରାତ୍ମକ ଆଇନ ବଳରେ ବାକ୍ ସ୍ୱାଧୀନତା, ନାଗରିକ ଅଧିକାର ଓ ସାମ୍ବିଧାନିକ ଅଧିକାରଗୁଡିକୁ ବ୍ୟାପକ ଭାବରେ ସଂକୁଚିତ କରାଯାଇଥିଲାବେଳେ ୨୦୨୩ ମସିହା ଡିସେମ୍ବର ମାସରେ ପ୍ରଣୀତ ହୋଇଥିବା ଉପରୋକ୍ତ ୩ଟି ଆଇନ ସରକାରଙ୍କ ହାତରେ ସୈରାଚାରୀ ଓ ଏକଛତ୍ର ଅଧିକାର ଅର୍ପଣ କରିଛି। ଏହା ଗଣତନ୍ତ୍ରର ଖୋଳପାରେ ଦେଶର ଫାସିବାଦୀ ସୈରାଚାର ପ୍ରତିଷ୍ଠାର ପଥ ପ୍ରଶସ୍ତ କରିଛି। ଏହି ପରିସ୍ଥିତିରେ ନାଗରିକ ଅଧିକାର, ମାନବାଧିକାର, ସାମ୍ବିଧାନିକ ଅଧିକାର ଓ ବାକ୍ ସ୍ୱାଧୀନତାର ସୁରକ୍ଷା ଓ ସଂପ୍ରସାରଣ ପାଇଁ ଦେଶର ସମସ୍ତ ଗଣତନ୍ତ୍ରପ୍ରେମୀ, ସ୍ୱାଧୀନତାକାମୀ ଜନସାଧାରଣ ଐକ୍ୟବଦ୍ଧ ଭାବରେ ଉପରୋକ୍ତ ସୈରାଚାରୀ ଆଇନ ବିରୁଦ୍ଧରେ ଶକ୍ତିଶାଳୀ ଓ ଦୀର୍ଘସ୍ଥାୟୀ ଗଣଆନ୍ଦୋଳନ ଗଢିତୋଳିବା ଆବଶ୍ୟକ। ଆନ୍ଦୋଳନର ଚାପରେ ଏହି ଆଇନ ପ୍ରତ୍ୟାହାର କରିବାପାଇଁ ସରକାରଙ୍କୁ ବାଧ୍ୟ କରିବା ହେଉଛି ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ସ୍ୱାଧୀନ ଚେତା ନାଗରିକଙ୍କର ଅବଶ୍ୟ କରଣୀୟ କର୍ତ୍ତବ୍ୟ।

# ନୂଆ ଜାତୀୟ ଶିକ୍ଷାନୀତି-୨୦୦୦ ପ୍ରତ୍ୟାହାର ପାଇଁ ସମସ୍ତ ସାଂସଦମାନଙ୍କୁ ସର୍ବଭାରତୀୟ ଶିକ୍ଷା ବଂଚାଅ କମିଟିର ଚିଠି।

*(ସର୍ବଭାରତୀୟ ଶିକ୍ଷା ବଂଚଅ କମିଟିର ସଭାପତି, ବିଶିଷ୍ଟ ଶିକ୍ଷାବିତ ଶ୍ରୀଯୁକ୍ତ ପ୍ରକାଶ ଏନ୍ ଶାହା ଏବଂ ସାଧାରଣ ସଂପାଦକ ପ୍ରଫେସର ତରୁଣକାନ୍ତି ନସ୍କର ବିରୋଧୀ ଦଳର ସାଂସଦମାନଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରେରଣ କରିଛନ୍ତି। ଏହି ପତ୍ରିଟିର ଓଡିଆ ଅନୁବାଦ ସର୍ବହରା କ୍ରାନ୍ତିର ପାଠକମାନଙ୍କ ଅବଗତି ନିମନ୍ତେ ଏଠାରେ ସ୍ଥାନିତ କରାଯାଉଛି। ସଂପାଦକ-ସର୍ବହରା କ୍ରାନ୍ତି)*

୨୦୨୦ ମସିହା ଜୁଲାଇ ମାସରେ କେନ୍ଦ୍ର ବିଜେପି ସରକାର ନୂଆ ଜାତୀୟ ଶିକ୍ଷାନୀତି-୨୦୨୦ ଘୋଷଣା କରିବା ସଙ୍ଗେ ସଙ୍ଗେ ସର୍ବଭାରତୀୟ ଶିକ୍ଷା ବଂଚାଅ କମିଟି ଏହା ବିରୁଦ୍ଧରେ ତୀବ୍ର ପ୍ରତିବାଦ କରିଛି। ଆପଣମାନେ ନିଶ୍ଚୟ ଜାଣନ୍ତି ଯେ, ସଂସଦରେ କୌଣସି ଆଲୋଚନା ବା ବିତର୍କ ନକରି କେବଳ ମାତ୍ର ମନ୍ତ୍ରୀମଣ୍ଡଳର ଅନୁମୋଦନ ଜରିଆରେ ଜୋର ଜବରଦସ୍ତି ଏହି ଶିକ୍ଷାନୀତି ଦେଶର ଜନସାଧାରଣଙ୍କ ଉପରେ ଲଦି ଦିଆଯାଇଛି। ଏହି ଶିକ୍ଷାନୀତିର ଚିଠା ଦଲିଲ ଉପରେ ଆସିଥିବା ମତାମତ ଓ ପ୍ରତିକ୍ରିୟାକୁ କୌଣସି ଗୁରୁତ୍ୱ ନ ଦେଇ ସରକାର ଏକତରଫା ଭାବରେ ଏହି ଶିକ୍ଷାନୀତି ପ୍ରଚଳନ କରିଛନ୍ତି। ସର୍ବଭାରତୀୟ ଶିକ୍ଷା ବଂଚଅ କମିଟି ନିମ୍ନଲିଖିତ କାରଣରୁ ଏହି ଶିକ୍ଷାନୀତିକୁ ବିରୋଧ କରୁଛି -

୧- ଭାରତର ସଂବିଧାନରେ ସ୍ଥାନିତ ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ଭିତ୍ତିକୁ ଏହି ଶିକ୍ଷାନୀତି ଧ୍ୱଂସ କରୁଛି।

୨- ଏହି ଶିକ୍ଷାନୀତି ହେଉଛି ଶିକ୍ଷାର ଘରୋଇକରଣ, କର୍ପୋରେଟ୍‌କରଣ, ଡିଜିଟାଇଜେସନ୍(Degitisation) କେନ୍ଦ୍ରୀକରଣ ଓ ଗେରୁଆକରଣ କରିବା ପାଇଁ ଏକ ଷଡଯନ୍ତ୍ରମୂଳକ ନୀଳ ନକ୍ସା।

୩- ସଂବିଧାନରେ ଶିକ୍ଷା ହେଉଛି କେନ୍ଦ୍ର ଓ ରାଜ୍ୟମାନଙ୍କର ଯୁଗ୍ମ ତାଲିକାଭୁକ୍ତ ଏକ ବିଷୟ। ଏହି ଶିକ୍ଷାନୀତି ମାଧ୍ୟମରେ ରାଜ୍ୟମାନଙ୍କର ଅଧିକାରକୁ ଅସ୍ୱୀକାର କରାଯାଇଛି। ଏହା ସଙ୍ଗେ ସଙ୍ଗେ ଶିକ୍ଷା ପ୍ରତିଷ୍ଠାନ ଓ ଶିକ୍ଷକମାନଙ୍କର ଅଧିକାର ଉପରେ ମାରାତ୍ମକ ଆକ୍ରମଣ କରାଯାଇଛି।

୪- ଶିକ୍ଷାପାଇଁ ଆବଶ୍ୟକ ଭିତ୍ତିଭୂମି ଗଢିତୋଳିବାର ଆର୍ଥିକ ଦାୟିତ୍ୱରୁ କେନ୍ଦ୍ର ସରକାର ଏହି ଶିକ୍ଷାନୀତି ଆଢୁଆଳରେ ଆହୁରି ଦ୍ରୁତ ଅପସରି ଯିବାର ବ୍ୟବସ୍ଥା କରିଛନ୍ତି। ଏହା ଫଳରେ କେନ୍ଦ୍ର ବଜେଟରେ ଶିକ୍ଷାପାଇଁ ବ୍ୟୟ ବରାଦ ହ୍ରାସ ପାଇବ।

୫- ଏହି ଶିକ୍ଷାନୀତି ସାଧାରଣ ଘରର ପିଲାଙ୍କୁ ଶିକ୍ଷାର ସୁଯୋଗରୁ ବଂଚିତ କରିବ। ସେଥିପାଇଁ ସାର୍ବଜନୀନ ନୁହେଁ।

୬- ଏହି ଶିକ୍ଷାନୀତି ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ବିଜ୍ଞାନ ଭିତ୍ତିକ ଶିକ୍ଷାର ମୂଳନୀତିର ବିରୋଧୀ।

ଗତ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ଓ ଏହାର ମେଣ୍ଟଭୁକ୍ତ ଦଳଗୁଡିକୁ ବାଦ ଦେଇ ଅନ୍ୟସମସ୍ତ ରାଜନୈତିକ ଦଳଗୁଡିକ ନିକଟରେ ସର୍ବଭାରତୀୟ ଶିକ୍ଷା ବଚଅ କମିଟିର ଦାବିଗୁଡିକୁ ସମର୍ଥନ କରିବା ଏବଂ ସେହି ଦାବିଗୁଡିକୁ ସେମାନଙ୍କର ନିର୍ବାଚନ ଇସ୍ତାହାରରେ ସାମିଲ କରିବାପାଇଁ ସଂଗଠନ ପକ୍ଷରୁ ଆବେଦନ କରାଯାଇଥିଲା। ପ୍ରତ୍ୟେକ ରାଜନୈତିକ ଦଳକୁ ଏହି ଜନବିରୋଧୀ ଶିକ୍ଷାନୀତିର ପ୍ରତିରୋଧ ପାଇଁ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରିବାପାଇଁ ଆହ୍ୱାନ କରାଯାଇଥିଲା। ସେମାନଙ୍କ ଦଳ ବିଜୟୀହୋଇ କେନ୍ଦ୍ରରେ ସରକାର ଗଠନକଲେ ସେମାନେ ଏହି ଶିକ୍ଷାନୀତିକୁ ବାତିଲ କରିବାକୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ନିର୍ବାଚନ ପ୍ରଚାର ସମୟରେ ଅଙ୍ଗୀକାର କରିବାପାଇଁ ମଧ୍ୟ ଏହି ଦଳମାନଙ୍କୁ ନିବେଦନ କରାଯାଇଥିଲା।

ନିର୍ବାଚନରେ ବିଜେପିର ଶକ୍ତି କ୍ଷୟ ହୋଇଛି। କେନ୍ଦ୍ରରେ ମେଣ୍ଟ ସରକାର ଗଠିତ ହୋଇଛି। ବିରୋଧୀ ଦଳଗୁଡିକ ଏହି ସୁଯୋଗକୁ ବ୍ୟବହାର କରି ସଂସଦରେ ଉଭୟ କକ୍ଷରେ ସେମାନଙ୍କର ପ୍ରତିବାଦ ଧ୍ୱନୀତ କରି ଏହି ଶିକ୍ଷାନୀତିକୁ ପ୍ରତ୍ୟାହାର କରିବାପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବେ ବୋଲି କମିଟି ଆଶା ବ୍ୟକ୍ତ କରିଛି। ବିରୋଧୀଦଳମାନେ ଐକ୍ୟବଦ୍ଧ ଭାବରେ ସଂସଦରେ ଏହି ଶିକ୍ଷାନୀତିର ଏକ ବିକଳ୍ପ ଶିକ୍ଷାନୀତି ଉପସ୍ଥାପନ କରନ୍ତୁ ବୋଲି କମିଟି ଅନୁରୋଧ କରୁଛି।

ଜାତୀୟ ଶିକ୍ଷାନୀତିରେ କେନ୍ଦ୍ରୀକରଣର କର୍ମସୂଚୀକୁ ଆହୁରି ସଂହତ କରିବା ଲକ୍ଷ୍ୟରେ ଏନ୍‌ଟିଏ(NTA) ଦ୍ୱାରା ପରିଚାଳିତ ନିଟ(NEET), ୟୁଜିସି ନେଟ(UGC-NET) ପରୀକ୍ଷା କ୍ଷେତ୍ରରେ ସଂପ୍ରତି ବ୍ୟାପକ ଅନିୟମିତତା ଓ ଦୁର୍ନିତୀ ଲୋକଲୋଚନକୁ ଆସିଛି। ଏହାବ୍ୟତୀତ ସିଏସ୍‌ଆଇଆର ନେଟ୍(CSIR-NET) ଏବଂ ନିଟ୍ ପିଜି(NEET-PG) ପରୀକ୍ଷା ସ୍ଥଗିତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଏବଂ ଶିକ୍ଷା ପ୍ରଶାସନ କ୍ଷେତ୍ରରେ କେନ୍ଦ୍ରୀକରଣକୁ ସର୍ବଭାରତୀୟ ଶିକ୍ଷା ବଂଚାଅ କମିଟିର ବିରୋଧୀତା ଯେ ଯଥାର୍ଥ ଥିଲା ତା' ଏହି ଘଟଣାବଳୀ ଦ୍ୱାରା ସତ୍ୟ ପ୍ରମାଣିତ ହୋଇଛି। କମିଟି ମନେକରେ ଯେ ଦେଶରେ ଏହି ଶିକ୍ଷାନୀତି ସଂପୂର୍ଣ୍ଣ ଭାବରେ ଲାଗୁ କରାଗଲେ ଦେଶର ସମଗ୍ର ଶିକ୍ଷାବ୍ୟବସ୍ଥା ଧ୍ୱଂସ ପାଇବ।

★ ★ ★

---

## *କେନ୍ଦ୍ର ବିଜେପି ସରକାର . . .*

*(୫ମ ପୃଷ୍ଠାର ଅବଶିଷ୍ଟାଂଶ)*

ଅର୍ଥନୀତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏହି ପରିସ୍ଥିତିରେ ଆନ୍ତର୍ଜାତୀୟ ବଜାର ଦର ତୁଳନାରେ ଅନେକ ଶସ୍ତାରେ ରଷିଆ ଭାରତକୁ କଂଚା ତେଲ ରପ୍ତାନୀ କରିବାପାଇଁ ପ୍ରସ୍ତାବ ଦେଇଥିଲା। ଆନ୍ତର୍ଜାତୀୟ ବଜାରରେ ବ୍ୟାରେଲ ପିଛା କଂଚା ତେଲର ଦାମ ୮୦ ରୁ ୯୦ ମାର୍କିନ ଡଲାରରେ ପହଂଚିଲାବେଳେ ରଷିଆ ଭାରତକୁ ବ୍ୟାରେଲ ପିଛା ୪୦ ମାର୍କିନ ଡଲାରରେ କଂଚା ତେଲ ବିକ୍ରିର ପ୍ରସ୍ତାବ ଦେଇଥିଲା। ଏପରିକି ଏହାଠାରୁ ମଧ୍ୟ କମ୍ ଦାମରେ କଂଚା ତେଲ ଯୋଗାଇବାକୁ ମଧ୍ୟ ସମ୍ମତି ପ୍ରକାଶ କରିଥିଲା। ଏହି ସୁଯୋଗକୁ କାମରେ ଲଗାଇ ରଷିଆରୁ ଅତ୍ୟନ୍ତ କମ୍‌ଦାମରେ କଂଚାତେଲ ଆମଦାନୀ କରିବାକୁ କେନ୍ଦ୍ର ବିଜେପି ସରକାର ଦେଶର ଘରୋଇ ତେଲ କମ୍ପାନୀମାନଙ୍କୁ ସୁଯୋଗ ଦେଇଥିଲେ।

ପାଠକମାନେ ଏହା ଜାଣନ୍ତି ଯେ, ଭାରତରେ ଆବଶ୍ୟକ ହେଉଥିବା ଶତକଡା ୯୫ଭାଗ କଂଚା ତେଲ ଆମଦାନୀ କରାଯାଏ। ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ମୁଖ୍ୟତଃ ଇରାନ ଓ ସାଉଦିଆରବରୁ ହିଁ କଂଚାତେଲ ଆମଦାନୀ କରୁଥିଲା। ରଷିଆରୁ ଆମଦାନୀ କରୁଥିଲା ମୋଟ ଆବଶ୍ୟକତାର ମାତ୍ର ଶତକଡା ୦.୨ଶତାଂଶ। ମାତ୍ର ୨୦୨୨-୨୩ ମସିହାରେ ରଷିଆରୁ ଆମଦାନୀ ହୋଇଛି ମୋଟ ଆବଶ୍ୟକତାର ଶତକଡା ୫୦ଭାଗରୁ ଅଧିକ। ୨୦୨୩-୨୪ରେ ଏହି ଆମଦାନୀ ପରିମାଣ ଦୁଇଗୁଣ ହୋଇଛି। ବାସ୍ତବରେ ଦେଖିବାକୁ ଗଲେ ଘରୋଇ ତେଲ କମ୍ପାନୀମାନେ ଦେଶରେ ଆବଶ୍ୟକ ହେଉଥିବା ତେଲ ତୁଳନାରେ ବହୁଗୁଣ ଅଧିକ କଂଚା ତେଲ ଆମଦାନୀ କରୁଛନ୍ତି। ଅତ୍ୟନ୍ତ ଶସ୍ତାରେ ଖରିଦ କରୁଥିବା ଏହି କଂଚାତେଲକୁ ଘରୋଇ ତେଲ କମ୍ପାନୀମାନେ ଶୋଧନ କରି ଦେଶରେ ବିକ୍ରି କରିବା ସଙ୍ଗେ ସଙ୍ଗେ ୟୁରୋପ ସମେତ ପୃଥିବୀର ଅନ୍ୟାନ୍ୟ ଦେଶକୁ ବଜାର ଦରରେ ରପ୍ତାନୀକରି ବିପୁଳ ମୁନାଫା ଅର୍ଜନ କରୁଛନ୍ତି। ଫଳରେ ବେସରକାରୀ ତେଲ କମ୍ପାନୀମାନଙ୍କର ମୁନାଫା ଆକାଶଛୁଆଁ ହୋଇଛି। ମାତ୍ର ଏହି ପରିସ୍ଥିତିରେ ମଧ୍ୟ କେନ୍ଦ୍ର ବିଜେପି ସରକାର ପେଟ୍ରୋଲ, ଡିଜେଲ ଦରରେ ସାଧାରଣ ଲୋକଙ୍କୁ କୌଣସି ରିହାତି ଦେଇନାହିଁ। ଦେଶରେଥିବା ତେଲ ଖଣିଗୁଡିକରୁ ଅତ୍ୟନ୍ତ କମ୍ ଖର୍ଚ୍ଚରେ ଉତ୍ତୋଳନ କରାଯାଉଥିବା କଂଚାତେଲକୁ ଶୋଧନକରି ତେଲ କମ୍ପାନୀମାନେ ଚଢା ଦାମରେ ଦେଶରେ ଓ ବିଦେଶରେ ବିକ୍ରିକରି ମଧ୍ୟ ପ୍ରଚୁର ମୁନାଫା ଲୁଟ୍ କରୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ, ଡିଜେଲ ଉପରେ ବିପୁଳ ଟିକସ ଆଦାୟ କରୁଛନ୍ତି।

କେହି କେହି ମନେକରନ୍ତି ଯେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକର ମୁନାଫା ଦେଶର ଜନସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ଏଭଳି ଚିନ୍ତା କରୁଥିବା ଲୋକମାନଙ୍କର ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ରାଷ୍ଟ୍ରର ଚରିତ୍ର ସଂପର୍କରେ ସ୍ୱଷ୍ଟ ଧାରଣା ନାହିଁ। ଧାରଣା ଥିଲେ ବି ସେହି ଧାରଣା ଅତ୍ୟନ୍ତ ଉପର ଠାଉରିଆ। ଗୋଟିଏ ପୁଞ୍ଜିବାଦୀ ରାଷ୍ଟ୍ରରେ ପ୍ରଶାସନ ପରିଚାଳନା ପାଇଁ ଯେତିକି ଆବଶ୍ୟକ ସେହି ସାମାନ୍ୟ ଅର୍ଥ ବାଦ୍‌ଦେଲେ ରାଷ୍ଟ୍ରୀୟ ପୁଞ୍ଜିର ବାକି ସମସ୍ତ ଅର୍ଥ ପୁଞ୍ଜିପତି ଶ୍ରେଣୀ, ବିଶେଷକରି ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥ ସାଧନ ପାଇଁ ଖର୍ଚ୍ଚ ହୁଏ। ସରକାର ଏହି ଅର୍ଥରେ ପୁଞ୍ଜିପତିମାନଙ୍କୁ କର ଛାଡ କରନ୍ତି, ବ୍ୟାଙ୍କରୁ ଋଣ ନେଇ ପୁଞ୍ଜିପତିମାନେ ପରିଶୋଧ କରୁନଥିବା ଅର୍ଥ ସରକାର ଭରଣା କରନ୍ତି। ଏହି ଟଙ୍କାରେ ସରକାର ପୁଞ୍ଜିପତି-ଶିଳ୍ପପତିମାନଙ୍କୁ ବ୍ୟବସାୟ ପାଇଁ, ଶିଳ୍ପ ପ୍ରତିଷ୍ଠା ପାଇଁ, ଶସ୍ତାରେ ବା ବିନାମୂଲ୍ୟରେ ଜମି, ଜଳ, ବିଦ୍ୟୁତ, ରାସ୍ତାଘାଟ, ରେଳ ଲାଇନ ଇତ୍ୟାଦି ଭିତ୍ତିଭୂମି ଯୋଗାଇ ଦିଅନ୍ତି। ପୁଞ୍ଜିପତିମାନଙ୍କୁ ଆର୍ଥିକ ସଂକଟରୁ ଉଦ୍ଧାର କରିବା ଆଳରେ ସରକାର ଲକ୍ଷ ଲକ୍ଷ କୋଟି ଟଙ୍କାର 'ସହାୟତା ରାଶି' ପ୍ରଦାନ କରନ୍ତି। ମାତ୍ର ସାଧାରଣ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁରକ୍ଷା, ଚାଷୀ ଫସଲର ଉପଯୁକ୍ତ ଦର କିମ୍ବା କୃଷି ଋଣ ଛାଡ କରିବା କଥା ଉଠିଲେ ଦେଶର ଅର୍ଥନୀତି ଭୁଷୁଡି ପଡିବ ବୋଲି ଆତଙ୍କ ସୃଷ୍ଟି କରାଯାଏ।

କେବଳ ସେତିକି ନୁହେଁ, କରୋନା ଜନିତ ଲକ୍‌ଡାଉନ ସମୟରେ ଯେତେବେଳେ ପେଟ୍ରୋଲ, ଡିଜେଲର ବ୍ୟବହାର ଆଦୌ ନଥିଲା ବୋଲି କହିଲେ ଚଳେ ସେହି ସମୟରେ ସଂପୂର୍ଣ୍ଣ ମାଗଣାରେ ତେଲ କମ୍ପାନୀମାନେ ବିଦେଶରୁ ବିପୁଳ ପରିମାଣର କଞ୍ଚା ତେଲ ଆମାଦାନୀ କରି ଗଚ୍ଛିତ ରଖିଥିଲେ। ସେହି ତେଲକୁ ମହଜୁଦ କରିବାପାଇଁ କେନ୍ଦ୍ର ସରକାର ନିଜ ଖର୍ଚ୍ଚରେ ଭୂତଳ କଂଚା ତେଲ ମହଜୁଦ ଭଣ୍ଡାରମାନ ନିର୍ମାଣ କରିଥିଲେ। ସେହି ଭଣ୍ଡାରମାନଙ୍କ ମଧ୍ୟରୁ ବିଶାଖାପାଟଣା ବନ୍ଦର ଓ କର୍ଣ୍ଣାଟକର ମାଙ୍ଗାଲୋର ବନ୍ଦର ସଂଲଗ୍ନ ଭୂତଳ ତୈଳ ସଂଚୟ ଭଣ୍ଡାର ଉଲ୍ଲେଖ ଯୋଗ୍ୟ। ବର୍ତ୍ତମାନ ରଷିଆରୁ ଅତ୍ୟନ୍ତ ଶସ୍ତାରେ ଆମଦାନୀ କରାଯାଉଥିବା କଂଚା ତେଲକୁ ଯେତେ ଅଧିକ ପିରମାଣରେ ସମ୍ଭବ ମହଜୁଦ କରିବାପାଇଁ କେନ୍ଦ୍ର ସରକାର ବେସରକାରୀ କମ୍ପାନୀମାନଙ୍କ ପାଇଁ ଆହୁରି ଅନେକ ଗୁଡିଏ ଭୂତଳ ତେଲ ସଂଚୟ ଭଣ୍ଡାର ପିପିପି ବ୍ୟବସ୍ଥାରେ ନିର୍ମାଣ କରୁଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ୫୫୧୪ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ସରକାର ଦେଶର ସାଧାରଣ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ଅର୍ଥାଭାବ ଆଳରେ ଖର୍ଚ୍ଚ କାଟ କରିଚାଲିଛନ୍ତି।

ସ୍ୱାଭାବିକ ଭାବରେ ରାଷ୍ଟ୍ରାୟତ୍ତ ତେଲ କମ୍ପାନୀଗୁଡିକ ଅର୍ଜନ କରୁଥିବା ବିପୁଳ ମୁନାଫା ସହିତ ଜନସ୍ୱାର୍ଥର କୌଣସି ସଂପର୍କ ନାହିଁ। ଅନ୍ୟପଟରେ ସବୁଠାରୁ ଅଧିକ ମୁନାଫା ଅର୍ଜନ କରୁଥିବା ଘରୋଇ ତେଲ କମ୍ପାନୀମାନେ ହିଁ ସରକାରଙ୍କ ତେଲ ନୀତି ସ୍ଥିର କରୁଛନ୍ତି। ଏପରିକି ତେଲ ମନ୍ତ୍ରୀ କିଏ ହେବ ତା ମଧ୍ୟ ଏହି କମ୍ପାନୀମାନେ ସ୍ଥିର କରନ୍ତି। କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ ଉପା ସରକାରର ଶାସନ କାଳରେ ନୀରା ରାଡିଆ ଟେପ୍ କାଣ୍ଡରୁ ଏକଚାଟିଆ ପୁଞ୍ଜିପତିମାନେ କିଭଳି ସରକାରୀ ନୀତିକୁ ପ୍ରଭାବିତ କରନ୍ତି ତାର ପ୍ରମାଣ ମିଳିଛି। ବର୍ତ୍ତମାନ ପରିସ୍ଥିତି ଆହୁରି ମାରାତ୍ମକ ହୋଇଛି। ବାସ୍ତବରେ ସରକାର ହେଉଛି ଏହି ଧରଣର ଏକଚାଟିଆ ପୁଞ୍ଜିପତିମାନଙ୍କର ସେବାଦାସ। ସେଥିପାଇଁ ସରକାର କମ୍ପାନୀ ମାନଙ୍କର ମୁନାଫା ହ୍ରାସ କରି ଜନସ୍ୱାର୍ଥରେ କୌଣସି ପଦକ୍ଷେପ ଗ୍ରହଣ କରନ୍ତି ନାହିଁ ବରଂ କରିପାରେ ନାହିଁ ବୋଲି ଉଲ୍ଲେଖ କରିବା ଅଧିକ ପ୍ରଯୁଜ୍ୟ ହେବ। କାରଣ ପୁଞ୍ଜିବାଦର ବର୍ତ୍ତମାନ ଯୁଗରେ ସରକାର କମ୍ପାନୀଗୁଡିକୁ ପରିଚାଳନା କରେ ନାହିଁ; ଏକଚାଟିଆ ପୁଞ୍ଜିପତିମାନେ ହିଁ ସରକାରକୁ ପରିଚାଳନା କରନ୍ତି। ଏହାହିଁ ହେଉଛି ସଂକଟଗ୍ରସ୍ତ, ମରଣମୁଖୀ, ଚୂଡାନ୍ତ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦ।

# ଅସହ୍ୟ ଦରବୃଦ୍ଧି : କେନ୍ଦ୍ର ଓ ରାଜ୍ୟ ସରକାର କଳାବଜାରୀଙ୍କ ପକେଟରେ

ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ବିଶେଷକରି ଖାଦ୍ୟ ଦ୍ରବ୍ୟର ମୂଲ୍ୟବୃଦ୍ଧି ବର୍ତ୍ତମାନ ସାଧାରଣ ଲୋକଙ୍କୁ ହାହାକାରମୟ ପରିସ୍ଥିତିରେ ପକାଇଛି। ବିଶେଷକରି ଗତ ସାଧାରଣ ନିର୍ବାଚନ ଓ ଓଡ଼ିଶା ରାଜ୍ୟ ବିଧାନସଭା ନିର୍ବାଚନ ପରେ ଦରବୃଦ୍ଧି ଲଗାମଛଡା ହୋଇଛି। ଗତ ଏକମାସ ମଧ୍ୟରେ ଖାଦ୍ୟ ସାମଗ୍ରୀର ଦାମ ହାରାହାରି ଶତକଡା ୨୦ଭାଗ ବୃଦ୍ଧି ପାଇଛି। ସାଧାରଣ ମଣିଷ ପ୍ରତ୍ୟେକ ଦିନ ଯାହା ଖାଏ, ଅର୍ଥାତ୍ ଚାଉଳ, ଡାଲି, ତେଲ, ମସଲା ଓ ପନିପରିବାର ଦର ଆକାଶଛୁଆଁ ହୋଇଛି। ଦୁଗ୍ଧର ଦର ମଧ୍ୟ ବୃଦ୍ଧି ପାଇଛି। ଗୋଟିଏ ଦିଗରେ କେନ୍ଦ୍ର ବିଜେପି ସରକାରଙ୍କର ସମସ୍ତ ମିଥ୍ୟା ପ୍ରଚାର ସତ୍ତ୍ୱେ ବହୁ ସମୀକ୍ଷାରୁ ସ୍ପଷ୍ଟ ହୋଇଛି ଯେ ସାଧାରଣ ଲୋକଙ୍କ ଆୟ ହ୍ରାସ ପାଉଛି। ଅନ୍ୟଦିଗରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରରେ ନିଆଁ ଲାଗିଛି। ପରିବାର ଚଳିବ କିଭଳି, ପିଲାଙ୍କ ପାଇଁ ଦିନରେ ଦୁଇଓଳି ଦି ମୁଠା ଆହାର ଯୋଗାଡ ହେବ କିଭଳି? ଏହି ଚିନ୍ତାରେ ଦେଶର ୭୦ଭାଗ ଲୋକ ଅବସାଦଗ୍ରସ୍ତ। ଏହି ସମୟରେ ଭାରତର ରିଜର୍ଭବ୍ୟାଙ୍କ ସୂଚନା ଦେଇଛି ଯେ, ପ୍ରବଳ ଗରମ ଓ ଉପଯୁକ୍ତ ସମୟରେ ମୌସୁମୀ ବୃଷ୍ଟିପାତ ନହେବା ଓ ସ୍ୱଳ୍ପବୃଷ୍ଟି ଫଳରେ ଖାଦ୍ୟ ସାମଗ୍ରୀର ଦର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ମାତ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ।

ମାତ୍ର ଏହି ଧରଣର ଦରବୃଦ୍ଧିର କାରଣ କଣ? କେନ୍ଦ୍ର ବିଜେପି ସରକାର ଖାଦ୍ୟପଣ୍ୟର ବୃହତ ବ୍ୟବସାୟୀମାନଙ୍କର ସ୍ୱାର୍ଥରେ ସେୟାର ବଜାରରେ ଖାଦ୍ୟଶସ୍ୟ ସମେତ ସମସ୍ତ ଖାଦ୍ୟପଣ୍ୟକୁ ନେଇ ଡେରିଭେଟିଭ ଟ୍ରେଡିଂ(Derivative Trading) ବା ଆଗୁଆ ଦର ନିର୍ଦ୍ଧାରଣ(Future Trading) ନାମରେ ଫଟକା ବଜାରରେ ଖେଳର ବ୍ୟବସ୍ଥା କରିଦେଇଛି। ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ଏହା କୁଆଡେ ବହୁ ପ୍ରତୀକ୍ଷିତ ଆର୍ଥିକ ସଂସ୍କାର। ଏକଚାଟିଆ ପୁଞ୍ଜିପତି ମାନଙ୍କ ମାଲିକାନାଧୀନ ଗଣମାଧ୍ୟମରେ ଏହା ଉପରେ ଖୁବ୍ ଚର୍ଚ୍ଚା ହେଉଛି, ସରକାରଙ୍କର ବାହା ବା ହେଉଛି। ଏହି ଫଟକା କାରବାର ଏବଂ ଅସାଧୁ ବ୍ୟବସାୟୀ ଓ ପ୍ରଶାସନର ମିଳିତ ଷଡଯନ୍ତ୍ର ହିଁ ଖାଦ୍ୟ ପଣ୍ୟର ମୂଲ୍ୟବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ। ଏହା ସହିତ ରହିଛି ମହଯୁଦକାରୀ, କଳାବଜାରୀ ଓ ମୁନାଫାଖୋରମାନଙ୍କ ସହିତ ସରକାରୀ କଳ ଓ ଦଳର ଅସାଧୁ ମେଣ୍ଟ। ତେବେ ମୂଲ୍ୟବୃଦ୍ଧିର ନିଆଁରେ ଜଳିପୋଡି ଯାଉଥିବା ସାଧାରଣ ଲୋକଙ୍କୁ ଏଥିରୁ ରକ୍ଷା କରିବାପାଇଁ କେନ୍ଦ୍ର ରାଜ୍ୟ ସରକାରର ଦାୟିତ୍ୱ କ'ଣ? ସରକାର କ'ଣ ନିରବ ଦର୍ଶକ ସାଜିବେ ଏବଂ ମନ୍ତ୍ରୀମାନେ କେବଳ ମଝିରେ ମଝିରେ ଫମ୍ପା ବିବୃତି ଦେବେ? ବାସ୍ତବରେ ତାହା ହିଁ ଦେଖିବାକୁ ମିଳୁଛି। କଳାବଜାରୀ, ମୁନାଫାଖୋର ଓ ମହଜୁଦକାରୀମାନେ ସାଧାରଣ ଖାଉଟିଙ୍କୁ ମନଇଚ୍ଛା ଶୋଷଣ କରିଚାଲିଥିଲାବେଳେ ସରକାର ନିରବଦ୍ରଷ୍ଟା। ଗତ ନିର୍ବାଚନ ପରେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାରର ମନ୍ତ୍ରୀମାନେ କେବଳ ବିବୃତି ଜାରୀ କରୁଛନ୍ତି, କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଧମକ ଦେଉଛନ୍ତି ହେଲେ ବାସ୍ତବରେ ବଜାର ଦର ଉପରେ ଏହାର କୌଣସି ପ୍ରଭାବ ନାହିଁ। ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହେବାରୁ ଯୋଗାଣ ମନ୍ତ୍ରୀ କଟକ ମାଲଗୋଦାମରେ ବୁଲୁଥିବା ଦେଖିବାକୁ ମିଳିଲା। ହେଲେ ତା' ସଂପୂର୍ଣ୍ଣ ନିଷ୍ଫଳା। ଅନ୍ୟଦିଗରେ ଦରଦାମ ନିୟନ୍ତ୍ରଣ କରିବା କ୍ଷେତ୍ରରେ କେନ୍ଦ୍ର ସରକାରର ଯେ କୌଣସି ଭୂମିକା ରହିଛି ସେକଥା କେନ୍ଦ୍ର ସରକାର ବୋଧହୁଏ ଭୁଲି ଗଲେଣି। ଏହି ପରିସ୍ଥିତିରେ କଳାବଜାରୀମାନଙ୍କର କଚେ ପୁଅ ବାର। ସାଧାରଣ ଖାଉଟିର ଆର୍ତ୍ତ ଚିତ୍କାର ଶୁଣିବାକୁ କେହିନାହିଁ। ଦରବୃଦ୍ଧି ହେଉଛି ନିଃଶବ୍ଦ ଘାତକ। ସାଧାରଣ ଲୋକଙ୍କ ଆୟ ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ପାଉଥିଲାବେଳେ ଏହି ଧରଣର ଦରବୃଦ୍ଧି ଘଟିବାର ଅର୍ଥ ହେଉଛି ସାଧାରଣ ଲୋକ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଖରିଦ କରିପାରୁ ନାହାଁନ୍ତି। ଏହା ଫଳରେ ସ୍ୱାଭାବିକ ଭାବରେ ପୁଷ୍ଟିହୀନତା ବୃଦ୍ଧି ପାଉଛି। ପୁଷ୍ଟିହୀନତାରେ ଜର୍ଜରିତ ଭାରତର ବାସ୍ତବ କରୁଣ ଚିତ୍ର ବହୁ ବେସରକାରୀ ସମୀକ୍ଷାରେ ଜଳ ଜଳ କରି ଦିଶିଯାଉଛି। ସରକାର ମିଥ୍ୟା ପରିସଂଖ୍ୟାନ ଦେଇ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଛନ୍ତି। ପ୍ରଧାନମନ୍ତ୍ରୀ କେତେବେଳେ ପ୍ରାଗ ଐତିହାସିକ ଭାରତର ମହାନତାର କାହାଣୀ ପରିବେଷଣ କରୁଛନ୍ତି ତ କେତେବେଳେ ଆଗାମୀ ହଜାର ବର୍ଷର ସଶକ୍ତ ସମୃଦ୍ଧ ଭାରତର ସ୍ୱପ୍ନ ଦେଖାଉଛନ୍ତି। ୫ ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥା ତ ଏବେ ମାମୁଲି କଥା! ତେବେ ଏହା ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପକେଟରେ ପୂରାଇ କଳାବଜାରୀ, ମୁନାଫାଖୋରମାନେ ବିନା ବାଧାରେ ଲଗାମହୀନ ଖାଉଟି ଶୋଷଣ ଚଳାଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ପୂର୍ବରୁ ଗଣ ବଣ୍ଟନ ବ୍ୟବସ୍ଥା ବା କଣ୍ଟ୍ରୋଲ ବ୍ୟବସ୍ଥାରେ ଚାଉଳ, ଗହମ, କିରୋସିନି, ଡାଲି, ଚିନି ଓ ଖାଇବା ତେଲ ସହିତ ଅନ୍ୟାନ୍ୟ ନିତ୍ୟ ପ୍ରୟୋଜନୀୟ ଖାଦ୍ୟ ପଦାର୍ଥ ରିହାତି ଦରରେ ସରକାର ଯୋଗାଇ ଦେଉଥିଲେ। ବର୍ତ୍ତମାନ କଣ୍ଟ୍ରୋଲରେ ମିଳୁଛି କେବଳ ଚାଉଳ କିମ୍ବା କେଉଁଠି କେଉଁଠି ଗହମ। ଖାଦ୍ୟ ବ୍ୟବସାୟକୁ ସଂପୂର୍ଣ୍ଣ ଭାବରେ ଖୋଲାବଜାର ହାତରେ ଛାଡି ଦିଆଯାଇଛି। ଖାଦ୍ୟ ଶସ୍ୟ ମହଯୁଦ ଓ କଳାବାଜର ରୋକିବାପାଇଁ ପୂର୍ବରୁ ଥିବା କିମ୍ବା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ-୧୯୫୫ ଆଇନଟିକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ବିଜେପି ସରକାର ଇତିପୂର୍ବରୁ ହିଁ, ଉଚ୍ଛେଦ କରିଦେଇଛି। ରାଜ୍ୟ ସରକାର ମଧ୍ୟ ସାଧାରଣ ଖାଉଟିଙ୍କୁ ସୁରକ୍ଷା ଦେବାପାଇଁ କୌଣସି ଆଇନଗତ ବ୍ୟବସ୍ଥା ଗ୍ରହଣ କରିନାହାଁନ୍ତି। ଏହାଫଳରେ ବଡ ବଡ କର୍ପୋରେଟ୍ ମାଲିକମାନେ ହିଁ ବର୍ତ୍ତମାନ ଖାଦ୍ୟପଣ୍ୟର ମହଯୁଦକାରୀ ଓ କଳାବଜାରୀ। ଗୋଟିଏ ଦିଗରେ ଖାଦ୍ୟପଣ୍ୟ ଓ ପନିପରିବାର ଦର ହୁହୁ ହୋଇ ବଢୁଛି ମାତ୍ର ଚାଷୀ ତାର ଫସଲର ମୂଲ୍ୟ ନପାଇ, ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛି। ଅମଳ ସମୟରେ ଆଳୁ ଓ ଅନ୍ୟାନ୍ୟ ପନିପରିବା ସଂରକ୍ଷଣ ପାଇଁ ସରକାରୀ ଶୀତଳ ଭଣ୍ଡାର ପ୍ରାୟ ନାହିଁ କହିଲେ ଚଳେ। ଶୀତଳ ଭଣ୍ଡାର ବର୍ତ୍ତମାନ ଏକଚାଟିଆ ମାଲିକମାନଙ୍କ ମାଲିକାନାରେ। ଅମଳ ସମୟରେ ଏକଚାଟିଆ ବ୍ୟବସାୟୀମାନେ ଖୁବ୍ ଅଳ୍ପ ଦାମରେ ଚାଷୀଠାରୁ ପନିପରିବା ଖରିଦକରି ନିଜର ଶୀତଳ ଭଣ୍ଡାରରେ ମହଜୁଦ କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ଚଢାଦରରେ ଏହାକୁ ବିକ୍ରି କରି ଅମାପ ମୁନାଫା ଅର୍ଜନ କରୁଛନ୍ତି। ଚାଷୀ ମରୁଛି, ଖାଉଟି ହାହାକାର କରୁଛି। ମଝିରେ ଏକଚାଟିଆ ବ୍ୟବସାୟୀମାନେ ନିରଙ୍କୁଶ ଲୁଟ୍ ଚଳାଇଛନ୍ତି। ଇତି ମଧ୍ୟରେ ସରକାରୀ ନୀତି ଫଳରେ ଏ କ୍ଷେତ୍ରରେ ଛୋଟ ବ୍ୟବସାୟୀଙ୍କ ବେଉସା ବୁଡି ଯାଇଛି। ସମଗ୍ର କ୍ଷେତ୍ରକୁ ଏକଚାଟିଆ ପୁଞ୍ଜିପତି ଦଖଲ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଜମି ସମେତ ସମଗ୍ର କୃଷି କ୍ଷେତ୍ରକୁ ଏକଚାଟିଆ ପୁଞ୍ଜିପତି ମାନଙ୍କର ନିୟନ୍ତ୍ରଣାଧୀନ କରିବା ଉଦ୍ଦେଶ୍ୟରେ ହିଁ କେନ୍ଦ୍ର ବିଜେପି ସରକାର ୩ଟି କଳା କୃଷି ଆଇନ ପ୍ରଣୟନ କରିଥିଲେ। ମାତ୍ର ଐତିହାସିକ କୃଷକ ଆନ୍ଦୋଳନର ଚାପରେ ଏହି ଆଇନ ପ୍ରତ୍ୟାହାର କରିବାପାଇଁ ସରକାର ବାଧ୍ୟ ହୋଇଥିଲେ।

ଏହି ଐତିହାସିକ ଆନ୍ଦୋଳନ ଶିକ୍ଷା ଦେଇଛି ଯେ, ଦରବୃଦ୍ଧିରୁ ରକ୍ଷା ପାଇବା ପାଇଁ ଜନସାଧାରଣଙ୍କ ସମ୍ମୁଖରେ ଗୋଟିଏ ମାତ୍ର ରାସ୍ତା ଖୋଲା ରହିଛି। ଏହା ହେଉଛି ଗଣଆନ୍ଦୋଳନର ଚାପରେ ମୂଲ୍ୟବୃଦ୍ଧି ରୋକିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବାଧ୍ୟ କରିବା। ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୧୯୫୦ ଦଶକରେ ହିଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଖାଦ୍ୟପଣ୍ୟର ସର୍ବାତ୍ମକ ରାଷ୍ଟ୍ରୀୟ ବାଣିଜ୍ୟ ଚାଲୁ କରାଯିବାର ଦାବି ଉତ୍ଥାପନ କରାଯାଇଥିଲା। ଏହାର ଅର୍ଥ ହେଉଛି ସରକାର ଉପଯୁକ୍ତ ଦାମରେ କୃଷକମାନଙ୍କଠାରୁ ଉତ୍ପାଦିତ ସମସ୍ତ ଖାଦ୍ୟପଣ୍ୟ ଖରିଦ କରିବେ ଏବଂ ସୁଲଭ ମୂଲ୍ୟରେ ସେହି ଖାଦ୍ୟପଣ୍ୟ ସାଧାରଣ ଖାଉଟିଙ୍କୁ ବିକ୍ରି କରିବେ। ଉଭୟ ଚାଷୀ ଓ ଖାଉଟି ଉପକୃତ ହେବେ। ଖାଦ୍ୟପଣ୍ୟରୁ ମୁନାଫା ଅର୍ଜନର କୌଣସି ଅବକାଶ ରହିବନାହିଁ। କେବଳମାତ୍ର ଏହି ବ୍ୟବସ୍ଥା ହିଁ ଚାଷୀଙ୍କୁ ଅଭାବୀ ବିକ୍ରିଜନିତ ସମସ୍ୟାରୁ ଏବଂ ଖାଉଟିଙ୍କୁ ମୂଲ୍ୟବୃଦ୍ଧିଜନିତ ସଂକଟରୁ ରକ୍ଷା କରିପାରିବ। ମାତ୍ର ସ୍ୱାଧୀନତା ପରଠାରୁ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ହୋଇଥିବା କୌଣସି ଗୋଟିଏ ହେଲେ ସରକାର ଏହି ବିଜ୍ଞାନ ସମ୍ମତ ଓ କାର୍ଯ୍ୟକାରୀ ଦାବି ପୂରଣ କରିନାହିଁ। ମୁନାଫାଖୋର ବ୍ୟବସାୟୀମାନଙ୍କର ସ୍ୱାର୍ଥରକ୍ଷା ହିଁ ସରକାରମାନଙ୍କ ଏକମାତ୍ର ଲକ୍ଷ୍ୟ ବୋଲି ପ୍ରମାଣିତ ହୋଇଛି। ଏସବୁ ବ୍ୟତୀତ ଦରବୃଦ୍ଧି ପାଇଁ ସରକାରଙ୍କ ପ୍ରତ୍ୟକ୍ଷ ଭୂମିକା ମଧ୍ୟ ରହିଛି। ପେଟ୍ରୋଲ ଓ ଡିଜେଲର ଅତ୍ୟଧିକ ମୂଲ୍ୟବୃଦ୍ଧି ଏହି ଦରବୃଦ୍ଧି ପାଇଁ ସିଧାସଳଖ ଦାୟୀ ଏବଂ ଏଥିପାଇଁ କେନ୍ଦ୍ର ସରକାର ସିଧାସଳଖ ଦାୟୀ। ଏକଚାଟିଆ ପୁଞ୍ଜିର ସେବକ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ସୁସ୍ଥ ଭାବରେ ବଂଚିବାର ସର୍ବନିମ୍ନ ସୁଯୋଗ ଦେବା ଦରବୃଦ୍ଧିକୁ ରୋକିବାପାଇଁ ନିଜ ଆଡୁ କୌଣସି ପଦକ୍ଷେପ ଗ୍ରହଣ କରିବେ ନାହିଁ। ଏହି ପରିସ୍ଥିତିରେ ଜନସାଧାରଣଙ୍କର ଐକ୍ୟବଦ୍ଧ ଆନ୍ଦୋଳନ ଏକାନ୍ତ ଜରୁରୀ। ଐକ୍ୟବଦ୍ଧ, ଶକ୍ତିଶାଳୀ, ଦୀର୍ଘସ୍ଥାୟୀ ଗଣଆନ୍ଦୋଳନ ହିଁ ମୂଲ୍ୟବୃଦ୍ଧି ରୋକିବା ଦିଗରେ କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିବାପାଇଁ ସରକାରଙ୍କୁ ବାଧ୍ୟ କରିପାରିବ। ଏହା ହିଁ ଆଜି ଦିନର ଜରୁରୀ ଆବଶ୍ୟକତା।

★★★

## ସିପିଡିଆରଏସ ଉଦ୍ୟୋଗରେ କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରଣୀତ ତିନିଟି ନୂଆ ଅପରାଧିକ ଆଇନ ସଂପର୍କରେ ଆଲୋଚନା

ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ୧୭ ତମ ଲୋକସଭାର ଶେଷ ଅଧିବେଶନରେ କେନ୍ଦ୍ର ବିଜେପି ସରକାର ସଂସଦରୁ ସମଗ୍ର ବିରୋଧୀ ଦଳକୁ ବହିଷ୍କାର କରି ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବରେ ୩ ଟି ନୂଆ ଅପରାଧିକ ଆଇନ ପ୍ରଣୟନ କରିଥିଲା। ଜୁଲାଇ ମାସ ୧ ତାରିଖରୁ ଏହି ଆଇନ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇଛି। ଏହି ଆଇନ ଦେଶକୁ ଏକ ଘୋଷିତ ପୋଲିସ ରାଷ୍ଟ୍ର ରେ ପରିଣତ କରିବ ଓ ସମସ୍ତ ନାଗରିକ ଅଧିକାରକୁ ଧୂଳିସାତ କରିବ ବୋଲି ଦେଶର ବହୁ ପୂର୍ବତନ ବିଚାରପତି, ବିଶିଷ୍ଟ ଆଇନ ବିଶାରଦ, ବୁଦ୍ଧିଜୀବୀ ତଥା ସାମାଜିକ କର୍ମୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏହି ପୃଷ୍ଠଭୂମିରେ ତିନିଟି ନୂଆ ଅପରାଧିକ ଆଇନ ସଂପର୍କରେ ସିପିଡିଆରଏସ (Center for protection of Human Rights and Secularism) ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଏକ ଅନଲାଇନ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ଏହି ଆଲୋଚନା ସଭାରେ ସଂଗଠନର ସର୍ବଭାରତୀୟ ନେତା ଦ୍ୱାରିକାନାଥ ରଥ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ସୁକାନ୍ତ ନାୟକ, ବିଜୟ ରାଉତରାୟ, କ୍ଷୀରୋଦ ରାଉତ ପ୍ରମୁଖ ଆଲୋଚକ ଭାବରେ ଯୋଗଦେଇଥିଲେ। ଆଲୋଚନାକୁ ଯୁବ ଆଇନଜୀବୀ ସାଇ ସୁମନ ପରିଚାଳନା କରିଥିଲେ। ବିଶ୍ୱାବସୁ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ।

Regd.No-ORI ORI/2011/37220 • VOL.NO. 11, ISSUE NO. 09 • ମୂଲ୍ୟ-୫ଟଙ୍କା

# ଅଲଇଣ୍ଡିଆ ଡିଓ୍ୱାଇଓର୍ ୫୯ତମ ପ୍ରତିଷ୍ଠା ଦିବସ ରାଜ୍ୟବ୍ୟାପୀ ପାଳିତ



କ୍ରାନ୍ତିକାରୀ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍ (ଏ.ଆଇ.ଡି.ଓ୍ୱାଇ.ଓ)ର ୫୯ତମ ପ୍ରତିଷ୍ଠା ଦିବସ ରାଜ୍ୟବ୍ୟାପୀ ଆଂଚଳିକ ସ୍ତରରେ ପାଳିତ ହୋଇଯାଇଛି । ଯୁବକ ଯୁବତୀମାନଙ୍କୁ ନେଇ ସଂଗଠନର ରକ୍ତ ପତାକା ଉତ୍ତୋଳନ, ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯିବା ସହ ଆଲୋଚନା ସଭାମାନ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗୁଡିକରେ ସଂଗଠନର ସର୍ବଭାରତୀୟ ଅଫିସ୍ ସଂପାଦକ କମ୍ରେଡ୍ ବିଜୟାନନ୍ଦ ମଲ୍ଲିକ, ରାଜ୍ୟ ସଭାପତି ମାନସ ପାଳ, ସଂପାଦକ କେଦାରନାଥ ସାହୁଙ୍କ ସମେତ ଚୈତନ୍ୟ ମହାରଣା, ସୁବାସ ମଲ୍ଲିକ, କୈଳାସ ସାହୁ, ପ୍ରଶାନ୍ତ ସ୍ୱାଇଁ, ଶେଖ୍ ଇସ୍‌ଲାମ୍, ଜଷ୍ଟିନ୍ ଲୁଗୁନ୍, ଅମ୍ଳାନ ମିଶ୍ର, ତାମସ ବେହେରା, ନିରଞ୍ଜନ ନାୟକ, ସସ୍ମିତା ମହାନ୍ତି, ଜ୍ୟୋସ୍ନା ସାମଲ, ମନୋଜ ମହାନ୍ତ, ଲଳିତ ମହାନ୍ତ, ସୋମା ସମରାଇ ପ୍ରମୁଖ ଆଲୋଚନା କରିଥିଲେ । ଅପରାହ୍ନରେ ରାଜ୍ୟ କମିଟି ଦ୍ୱାରା ଆୟୋଜିତ ଅନ୍‌ଲାଇନ୍ ଆଲୋଚନା ସଭାରେ ମୁଖ୍ୟବକ୍ତା ଭାବେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ ସଂପାଦକ କମ୍ରେଡ ଶଙ୍କର ଦାଶଗୁପ୍ତ ଯୋଗଦେଇ ଅଲ ଇଣ୍ଡିଆ ଡିଓ୍ୱାଇଓ ଗଢି ଉଠିବାର ଇତିହାସ ସଂପର୍କରେ ଆଲୋଚନା କରିଥିଲେ। ଏଆଇଡିଓ୍ୱାଇଓ ସଂଗଠନର ବାର୍ତ୍ତାକୁ ରାଜ୍ୟର କୋଣ ଅନୁକୋଣରେ ଯୁବକ ଯୁବତୀମାନଙ୍କ ପାଖରେ ପହଞ୍ଚାଇବା ସଙ୍ଗେ ଯୁବକମାନେ ସମ୍ମୁଖୀନ ହେଉଥିବା ନାନାବିଧ ସମସ୍ୟାର ସାମାଧାନ ଦାବିରେ ଉଚ୍ଚ ନୀତି-ନୈତିକତା ଭିତ୍ତିରେ ଯୁବ ଆନ୍ଦୋଳନ ଗଢିବାକୁ ସଂଠନର ନେତା କର୍ମୀ ଓ ସଂଗଠକମାନଙ୍କୁ କମ୍ରେଡ ଦାସଗୁପ୍ତ ପରାମର୍ଶ ଦେଇଥିଲେ।

# ପାର୍ଟି କେନ୍ଦ୍ରୀୟ ଅଫିସରେ ଶ୍ରୀଲଙ୍କା ଗଣଅଭ୍ୟୁତ୍‌ଥାନର ନେତା



ଶ୍ରୀଲଙ୍କା ଫ୍ରଣ୍ଟଲାଇନ ସୋସାଲିଷ୍ଟ ପାର୍ଟିର ନେତା, ପ୍ରଖ୍ୟାତ ଆଇନଜୀବୀ ତଥା ଶ୍ରୀଲଙ୍କା ଗଣଅଭ୍ୟୁତ୍‌ଥାନର ନେତା କମ୍ରେଡ୍ ନ୍ୟୁୟୋୟାନ ବ୍ୟୋପାପେ ସଂପ୍ରତି କଲିକତା ଗସ୍ତ କରିଥିଲେ। ପାଠକମାନଙ୍କର ସ୍ମରଣଥିବ ଯେ, ୨୦୨୨ ମସିହା ମଇରୁ ଜୁଲାଇ ମାସ ମଧ୍ୟରେ ଶ୍ରୀଲଙ୍କାରେ ଏକ ଅଭୁତପୂର୍ବ ଗଣଅଭ୍ୟୁତ୍‌ଥାନ ଗଢିଉଠିଥିଲା। ଏହି ଗଣଅଭ୍ୟୁତ୍‌ଥାନ ସମୟରେ ଶ୍ରୀଲଙ୍କାର ଲକ୍ଷ ଲକ୍ଷ ସାଧାରଣ ଲୋକ ରାଜଧାନୀ କଲମ୍ବୋସ୍ଥିତ ରାଷ୍ଟ୍ରପତି ପ୍ରାସାଦ ଦଖଲ କରିନେଇଥିଲେ। କମ୍ରେଡ୍ ନ୍ୟୁୟୋୟାନ ହେଉଛନ୍ତି ଏହି ଅଭୂତପୂର୍ବ ଗଣ ଅଭ୍ୟୁତ୍‌ଥାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନେତା। କଲିକତା ରହଣୀ ସମୟରେ ସେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ସହିତ ଭାତୃତ୍ୱପୂର୍ଣ୍ଣ ରାଜନୈତିକ ଆଲୋଚନାପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଆଲୋଚନାପାଇଁ ସେ ଜୁଲାଇ ୪ତାରିଖରେ କଲିକତାସ୍ଥ ପାର୍ଟି କାର୍ଯ୍ୟାଳୟରେ ପହଂଚିଥିଲେ। ତାଙ୍କୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳ ପକ୍ଷରୁ କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ସୁଭାଷ ଦାଶଗୁପ୍ତ ଓ କମ୍ରେଡ୍ ଦେବାଶିଷ ରାୟ ସ୍ୱାଗତ କରିଥିଲେ। କମ୍ରେଡ୍ ନ୍ୟୁୟୋୟାନଙ୍କୁ ଏ ଯୁଗର ଅନ୍ୟତମ ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ ତଥା ଦଳର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ ଶିବଦାସ ଘୋଷ, ପ୍ରୟାତ ସାଧାରଣ ସଂପାଦକ କମ୍ରେଡ୍ ନୀହାର ମୁଖାର୍ଜୀ ଓ ବର୍ତ୍ତମାନର ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷଙ୍କ ଦ୍ୱାରା ରଚିତ କେତେକ ପୁସ୍ତକ କମ୍ରେଡ ସୁଭାଷ ଦାଶଗୁପ୍ତ ପ୍ରଦାନ କରିଥିଲେ।

ତାଙ୍କ ସହିତ ଆଲୋଚନା ଅତ୍ୟନ୍ତ ହାର୍ଦ୍ଦିକ ଓ ଫଳପ୍ରସୁ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ଶ୍ରୀଲଙ୍କାର ଜନସାଧାରଣଙ୍କର ଶୋଚନୀୟ ଅବସ୍ଥା, ସେହି ଦେଶର ବାମପନ୍ଥୀ ଓ ବିପ୍ଳବୀ ଆନ୍ଦୋଳନ ସମ୍ମୁଖରେ ରହିଥିବା ସମସ୍ୟା ଓ ସମ୍ଭାବନା ସଂପର୍କରେ କମ୍ରେଡ୍ ନ୍ୟୁୟୋୟାନ ଆମ ଦଳର ନେତୃତ୍ୱବୃନ୍ଦଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ ଆଲୋଚନାପରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳ ସହିତ ନିୟମିତ ଯୋଗଯୋଗ, ମତ ବିନିମୟ ଓ ଚିଠିପତ୍ର ଆଦାନ ପ୍ରଦାନ ପାଇଁ କମ୍ରେଡ ନ୍ୟୁୟୋୟାନ ଆଗ୍ରହ ପ୍ରକାଶ କରିଥିଲେ।

ଛାତ୍ର ସଂଗଠନ ଏଆଇଡିଏସ୍‌ଓ ଏବଂ ଯୁବ ସଂଗଠନ ଏଆଇଡିଓ୍ୱାଇଓ ସହିତ ମଧ୍ୟ କମ୍ରେଡ ନ୍ୟୁୟୋୟାନଙ୍କର ବୈଠକ ଆୟୋଜିତ ହୋଇଥିଲା। ଛାତ୍ର ଓ ଯୁବ ସଂଗଠନ ପକ୍ଷରୁ କମ୍ରେଡ ନ୍ୟୁୟୋୟାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

# ନିଟ୍ କେଲେଙ୍କାରୀ ବିରୁଦ୍ଧରେ ଶିକ୍ଷା ବଂଚାଅ କମିଟିର ଆନ୍ଦୋଳନ




କେନ୍ଦ୍ର ସରକାରଙ୍କ ତରଫରୁ ସର୍ବଭାରତୀୟ ସ୍ତରରେ ଡାକ୍ତରୀ ଶିକ୍ଷାରେ ନାମ ଲେଖା ପାଇଁ ଅନୁଷ୍ଠିତ ହୋଇଥିବା ନିଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନିତୀ ବିରୁଦ୍ଧରେ ସର୍ବଭାରତୀୟ ଶିକ୍ଷା ବଚାଅ କମିଟି ପକ୍ଷରୁ ଏକ ପ୍ରତିବାଦ ସପ୍ତାହ ପାଳନ କରିବା ପାଇଁ ଯେଉଁ ଡାକରା ଦିଆଯାଇଥିଲା ସେହି ଉପଲକ୍ଷେ ଓଡିଶାର ବିଭିନ୍ନ ସ୍ଥାନରେ କମିଟି ପକ୍ଷରୁ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଜଧାନୀ ଭୁବନେଶ୍ୱର ଠାରେ ରାଜଭବନ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ସଂଗଠନର ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ସର୍ବଭାରତୀୟ ନେତା ପ୍ରଦୀପ ମହାପାତ୍ର ଓ ରାଜ୍ୟ ସମ୍ପାଦକ ସୁବାସ ନାୟକ, ବିଭୁତିଭୂଷଣ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ରାଜ୍ୟପାଳଙ୍କ ମାଧ୍ୟମରେ ପ୍ରେରଣ କରାଯାଇଥିଲା। ମୟୁରଭଞ୍ଜର ଯଶିପୁର ଠାରେ ଶିକ୍ଷକ ନେତା ନିଳାମ୍ବର ନାଏକ ଓ ରାଜ୍ୟ ସମ୍ପାଦକ ସୁବାସ ନାଏକଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ଭୋଗରାଇ ଠାରେ କ୍ରୀଷ୍ଣାରାଣୀ ସାହୁଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଠାରେ ଆଡ୍‌ଭୋକେଟ ନରେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସେହିପରି ଅନୁଗୁଳ ଜିଲ୍ଲାର ସଙ୍ଗଠକ ଶିକ୍ଷକ ନେତା ଲକ୍ଷ୍ମଣ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଏହି ସବୁ ଦାବୀପତ୍ରରେ ଏହି ପରୀକ୍ଷାକୁ ପରିଚାଳନା କରୁଥିବା ସଂସ୍ଥା ଏନ୍‌ଟିଏକୁ ସଂପୂର୍ଣ୍ଣ ଉଚ୍ଛେଦ କରିବା, କ୍ଷତିଗ୍ରସ୍ତ ଛାତ୍ରଛାତ୍ରୀ ମାନଙ୍କୁ ନ୍ୟାୟ ପ୍ରଦାନ କରିବା, ଘରୋଇ ସଂସ୍ଥା ଦ୍ୱାରା ପରୀକ୍ଷା ପରିଚାଳନା ବନ୍ଦ କରିବା, ପରୀକ୍ଷା ପରିଚାଳନାର କେନ୍ଦ୍ରୀକରଣ ବନ୍ଦ କରିବା ଓ ଏହି ଅରାଜକତା ଓ ଦୁର୍ନିତୀ ପାଇଁ ଦାୟୀ ବ୍ୟକ୍ତି ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ ଦାବି କରାଯାଇଥିଲା


ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ୪୮ତମ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ

## ସାଧାରଣ ସଭା

ମୁଖ୍ୟ ବକ୍ତା :
କମ୍ରେଡ ସୁଭାଷ ଦାଶଗୁପ୍ତ
କେନ୍ଦ୍ରୀୟ କମିଟି ସଦସ୍ୟ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ

୫ ଅଗଷ୍ଟ

- ସ୍ଥାନ -
ଶାରଳା ଭବନ, କଟକ
ଦିନ ୧୨ଟା

ସଭାପତି :
କମ୍ରେଡ ସଦାଶିବ ଦାସ
ସଂପାଦକ ମଣ୍ଡଳୀ ସଦସ୍ୟ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)
ଓଡିଶା ରାଜ୍ୟ କମିଟି


Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District: Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das